visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK   पर्यवेक्षक

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.25 . No.34 Bhubaneswar Friday, March 11, 2022 | ୨୫ତମ ବର୍ଷ ସଂଖ୍ୟା–୩୪ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ପଞ୍ଜାବକୁ ଛାଡି ସବୁଠି ଫୁଟିଲା ପଦ୍ମ, ବିରୋଧୀ ଜଳକା

ନୂଆଦିଲ୍ଲୀ, ୧୦।୩(ପି.ଏନ): ଆସିଛି ୫ ରାଜ୍ୟର ଜନାଦେଶ। ସବୁ ଆଶା ଓ ଆଶଙ୍କାରେ ପୂର୍ଣ୍ଣଚ୍ଛେଦ ଟାଣି ପୁଣିଥରେ ୪ ରାଜ୍ୟରେ ସରକାର ଗଠନ କରିବାକୁ ଜନମତ ପାଇଛି ବିଜେପି। ଦରବୃଦ୍ଧି, ଚାଷୀ ଓ ବେକେରୀ ଭଳି ସମସ୍ୟା ବିଜେପି ବେକରେ କଣ୍ଟା ହୋଇ ଲାଗିବ ବୋଲି ଆଶଙ୍କା କରାଯାଉଥିଲା। ହେଲେ ବିଜେପିର ଗେମ ପ୍ଲାନ ବିରୋଧୀଙ୍କ ସବୁ ଆଶାରେ ପାଣି ପକାଇ ଦେଇଛି।ବିଜେପି ଉତ୍ତର ପ୍ରଦେଶ, ଗୋଆ, ଉତ୍ତରାଖଣ୍ଡ ଓ ମଣିପୁରରେ ପୂର୍ଣ୍ଣବହୁତ ହାସଲ କରିଛି। ଏହାର ଅର୍ଥ ବିଜେପି ଏଠାରେ ପୁଣି ସରକାର ଗଠନ କରିବାକୁ ଯାଉଛି। ଏହି ସବୁ ରାଜ୍ୟରେ ବିଜେପି ୨.୦ ସରକାର ଆରମ୍ଭ ହେବାକୁ ଯାଇଛି। କେବଳ ପଞ୍ଜାବରେ ବିଜେପି ଆଖି ଦୃଶିଆ ପ୍ରଦର୍ଶନ କରିପାରିନାହିଁ। ଏଠାରେ ଅରବିନ୍ଦ କେଜ୍ରିୱାଲଙ୍କ ଆପ୍ ଏକାକୀ ୧୧୭ ଆସନରୁ ୯୨ଟିରେ ଜିତି ନୂଆ ଇତିହାସ ସୃଷ୍ଟି କରିଛି। ବାକି ୪ ରାଜ୍ୟ ବିଜେପି ରଙ୍ଗରେ ଗେରୁଆମୟ ହୋଇଛି।ଉତ୍ତର ପ୍ରଦେଶର ୪୦୩ ଆସନରୁ ବିଜେପି ଏବେ ସୁଦ୍ଧା ୧୦୯ଟିରେ ଜିତିଥିବା ବେଳେ ୧୬୦ଟିରେ ଆଗରେ ରହିଛି। ଏପରି ଟ୍ରେଣ୍ଡ ଜାରି ରହିଲେ ବିଜେପି ରାଜ୍ୟରେ ୨୬୯ଟି ଆସନ ଦଖଲ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ସରକାର ଗଠନ କରିବ। ୨୦୧୭ରେ ଦଳ ଏଠାରେ ଏକାକୀ ୩୧୨ ଆସନରେ ବିଜୟୀ ହୋଇଥିଲେ। ସେହିପରି ବିଜେପି ମେଣ୍ଟ ସପକ୍ଷରେ ୩୨୨ ଆସନ ପଡିଥିଲା। ହେଲେ ବିଜେପି ମେଣ୍ଟର ଆସନ କମିଛି। ତଥାପି ବିଜେପି ସରକାର



ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ୨୦୨କୁ ଅତି ସହଜରେ ହାସଲ କରିପାରିଛି।ବିଜେପିକୁ କଡା ଟକ୍କର ଦେବାକୁ ଅଣ୍ଟା ଭିଡିଥିବା ସମାଜବାଦୀ ପାର୍ଟିର ଆସନ ସଂଖ୍ୟା ୨୦୧୭ ଅପେକ୍ଷା ବଢ଼ିଛି। କିନ୍ତୁ ସରକାର ଗଠନ ପାଇଁ ଦଳ ଆବଶ୍ୟକ ସଂଖ୍ୟା ହାସଲ କରିପାରି ନାହିଁ। ସପା ୩୨ଟିରେ ଜିତିଥିବା ବେଳେ ୯୮ରେ ଲିଡ କରୁଛି। ମାୟାବତୀଙ୍କ ବିଏସପି ଗୋଟିଏ ଆସନ ପାଇଛି। କଂଗ୍ରେସ ୨ଟି ଆସନରେ ସୀମିତ ରହିଛି। ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ୨ଟି ଆସନ ଯାଇଛି। ବିଜେପି ଉତ୍ତର ପ୍ରଦେଶରେ ସରକାର ଗଠନ କରିବାକୁ ଯାଉଥିବାରୁ ଯୋଗୀ ଆଦିତ୍ୟନାଥ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବେ।ପଞ୍ଜାବରେ ଆପ୍ ତା'ର ଯାଦୁ ଦେଖାଇଛି। କଂଗ୍ରେସକୁ ମାତ୍ ଦେଇ ଆପ୍ ଦଖଲ କରିଛି କ୍ଷମତା। ୧୧୭ ବିଧାନସଭା ଆସନରୁ ଆପ୍ ୯୨ଟି ଜିତିଥିବା ବେଳେ କଂଗ୍ରେସ ୧୮ଟି, ବିଜେପି ମେଣ୍ଟ, ଅକାଳୀ ଦଳ ୪ଟି ଓ ଅନ୍ୟାନ୍ୟ ଦଳ ଖାତାକୁ ଗୋଟିଏ ଆସନ ଯାଇଛି। ଆପ୍ ଜିତିଥିବାରୁ ଭଗୱନ୍ତ ମାନ ପଞ୍ଜାବର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ।ଗୋଆରେ ସରକାର ଗଠନ କରିବାକୁ କୌଣସି ରାଜନୀତିକ ଦଳକୁ ସ୍ୱଷ୍ଟ ବହୁମତ ମିଳିନାହିଁ। ରାଜ୍ୟର ୪୦ ବିଧାନସଭା ଆସନରୁ କ୍ଷମତାସୀନ ବିଜେପି ସର୍ବାଧିକ ୨୦ଟି ଆସନ ଜିତିଛି। ହେଲେ ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୨୧। ବିଜେପି ପଛକୁ କଂଗ୍ରେସ ୧୨ଟି ଆସନ ଜିତିଥିବା ବେଳେ ଆପ୍ ଓ ଟିଏମସି ୨ଟି ଲେଖାଏ ଆସନ ଦଖଲ କରିଛନ୍ତି।ସେହିପରି ସ୍ୱାଧୀନ ପ୍ରାର୍ଥୀ ୪ଟି ଆସନ ଜିତିଛନ୍ତି। ଏହି ୪ ଜଣଙ୍କ ମଧ୍ୟରୁ ୩ ଜଣ ବିଜେପିକୁ ସମର୍ଥନ ଘୋଷଣା କରିଛନ୍ତି। ତେଣୁ ଗୋଆରେ ପୁଣି ବିଜେପି ସରକାର ଗଠନ କରିବ। ହେଲେ ପ୍ରମୋଦ ସାୱନ୍ତ ପୁଣି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ କି ନାହିଁ, ତା'ର ନିଷ୍ପତ୍ତି ବିଜେପି ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହେବ।ଉତ୍ତରାଖଣ୍ଡରେ ବିଜେପିକୁ ସ୍ୱଷ୍ଟ ବହୁତ ମିଳିଛି। ଉତ୍ତରାଖଣ୍ଡର ୭୦ଟି ଆସନରୁ ବିଜେପି ୪୦ଟିରେ ଜିତି ସାରିଛି। ସେହିପରି ବାକି ୮ଟି ଆସନରେ ଲିଡ୍ କରୁଛି। ଲିଡର ମାତ୍ରା ଏତେ ଅଧିକ ଅଛି ଯେ ଏହି ୮ଟି ଯାକ ଆସନରେ ମଧ୍ୟ ବିଜେପି ଜିତିବା ଏକ ପ୍ରକାରର ନିଶ୍ଚିତ ହୋଇଛି। ଏହାର ଅର୍ଥ ରାଜ୍ୟରେ ବିଜେପି ଏକାକୀ ୪୮ଟି ଆସନ ଦଖଲ କରିବ।୨୦୧୭ରେ ଦଳ ଏଠାରେ ୫୭ଟି ଆସନ ଜିତିଥିଲା। ବିଜେପିର ଆସନ ସଂଖ୍ୟା କମିଥିଲେ ମଧ୍ୟ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୩୬କୁ ବେଶ ସହଜରେ ହାସଲ କରିନେଇଛି। କଂଗ୍ରେସ ୧୫ଟି ଆସନ ଜିତିଥିବା ବେଳେ ଆଉ ୩ଟିରେ ଆଗରେ ରହିଛି। ଆପ ଏଠାରେ ଖାତା ଖୋଲିବାକୁ ସକ୍ଷମ ହୋଇନି। ସେହିପରି ଅନ୍ୟାନ୍ୟ ଦଳ ୪ଟି ଆସନରେ ବାଜିମାତ କରିଛନ୍ତି। ଆପ୍ ପଞ୍ଜାବରେ ସରକାର ଗଠନ କରିଥିବା ବେଳେ ଉତ୍ତରାଖଣ୍ଡରେ ଖାତା ନ ଖୋଲିପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପରାସ୍ତ ହେବା ରାଜ୍ୟ ତଥା କେନ୍ଦ୍ରୀୟ ବିଜେପି ନେତାଙ୍କ ଚିନ୍ତା ବଢ଼ାଇ ଦେଇଛି। କାରଣ ଏବେ ଉତ୍ତରାଖଣ୍ଡରେ କିଏ ବିଜେପିର ମୁଖ୍ୟମନ୍ତ୍ରୀ ହେବେ, ସେନେଇ ଟେନସନ ବଢ଼ିଛି। ନିର୍ବାଚନର ଠିକ୍ ପୂର୍ବରୁ ବିଜେପି ଧାମିଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରିଥିଲା। ଏପରି କି ତାଙ୍କ ନେତୃତ୍ୱରେ ବିଜେପି ଉତ୍ତରାଖଣ୍ଡରେ ବିଧାନସଭା ନିର୍ବାଚନ ବି ଲଢ଼ିଥିଲା। ମଣିପୁରରେ ମଧ୍ୟ ବୀରେନ ସିଂହ ପୁଣି ମୁଖ୍ୟମନ୍ତ୍ରୀ ହେବେ। ଏଠାରେ ବିଜେପି ସରକାର ଗଠନ କରିବା ଦିଗରେ ଆଗକୁ ବ ?ଛି। ରାଜ୍ୟର ୬୦ ଆସନରୁ ବିଜେପି ଇତି ମଧ୍ୟରେ ୨୪ଟିରେ ଜିତି ସାରିଥିବା ବେଳେ ବାକି ୮ଟିରେ ଲିଡ୍ କରୁଛି। ଏହାର ଅର୍ଥ ବିଜେପି ମଣିପୁରରେ ୩୨ଟି ଆସନ ଜିତିବାର ସମ୍ଭାବନା ସୃଷ୍ଟି ହୋଇଛି।ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୨୧। କଂଗ୍ରେସ ମାତ୍ର ୪ଟି ଆସନ ଜିତିଥିବା ବେଳେ ନ୍ୟାଶନାଲ ପିପୁଲ୍ସ ପାର୍ଟି ଓ ନାଗା ପିପୁଲ୍ସ ଫ୍ରଣ୍ଟ ମିଳିତ ଭାବେ ୨୧ଟି ଆସନ ଜିତିଛନ୍ତି ଏବଂ ବାକି ୩ଟିରେ ଆଗରେ ରହିଛନ୍ତି।

## ରାଜ୍ୟରେ କରୋନାରେ ଆଉ ୧ ଜଣ ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୦।୧୧(ପି.ଏନ): ରାଜ୍ୟରେ କରୋନା ସଂକ୍ରମିତ ଆଉ ୧ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୧୦୩ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି।

## ୪ ରାଜ୍ୟରେ ବିଜେପିର ବିଜୟ ନେଇ କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମକୁ ଶ୍ରେୟ ଦେଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୦।୩(ପି.ଏନ) ଦେଶର ଚାରୋଟି ରାଜ୍ୟ ଉତରପ୍ରଦେଶ, ଉତରାଖଣ୍ଡ, ମଣିପୁର ଏବଂ ଗୋଆରେ ବିଜେପି ପ୍ରତି ଅଭୂତପୂର୍ବ ଜନାଦେଶ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଉପରେ ଥିବା ଅଗାଢ ବିଶ୍ୱାସର ପ୍ରମାଣବୋଲି ବୋଲି ଟ୍ୱିଟ୍ କରି କହିଛନ୍ତି ଉତର ପ୍ରଦେଶ ନିର୍ବାଚନ ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।ଉତରପ୍ରଦେଶ, ଉତରାଖଣ୍ଡ, ମଣିପୁର ଏବଂ ଗୋଆର ଜନତା ବିଶେଷ ଭାବରେ ମାତୃଶକ୍ତି ଓ କାର୍ଯ୍ୟକର୍ତାଙ୍କୁ ଏହି ବିପୁଳ ବିଜୟ ପାଇଁ କୃତଜ୍ଞତା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି, ମାଆ ଭଉଣୀମାନେ ସ୍ୱଷ୍ଟ ମତ ଦେଇ ନୂଆ ଭାରତ ଜନକଲ୍ୟାଣ, ଜନଭାଗିଦାରୀ, ସ୍ୱଚ୍ଛ ଶାସନ ଏବଂ ପ୍ରଗତିଶୀଳ ରାଜନୀତିକୁ ସମର୍ଥନ କରିଛନ୍ତି ।ଚାରୋଟି ରାଜ୍ୟରେ ବିପୁଳ ଜନସମର୍ଥନ ସ୍ୱଷ୍ଟ କରୁଛି ଭାରତରେ ଜନକଲ୍ୟାଣ, ବିକାଶ ଏବଂ ସୁଶାସନର ରାଜନୀତିର କୌଣସି ବିକଳ୍ପ ନାହିଁ। ଏହି ଅଭୂତପୂର୍ବ ବିଜୟ ଦେଶରେ ବିଜେପି ସମର୍ଥନରେ ଥିବା ଜନାଦେଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଉପରେ ଥିବା ବିଶ୍ୱାସକୁ ପ୍ରମାଣିତ କରୁଛି । ଉତରପ୍ରଦେଶ, ଉତରାଖଣ୍ଡ, ମଣିପୁର ଏବଂ ଗୋଆର ଜନତା ବିଜେପିକୁ ଯେଉଁ ଆଶୀର୍ବାଦ ଦେଇଛନ୍ତି, ଏହା ସ୍ୱଷ୍ଟ କରୁଛି ଭୋଟରମାନେ ସେମାନଙ୍କୁ ସମର୍ଥନ କରନ୍ତି ଯେଉଁମାନେ ପ୍ରତିଶ୍ରୁତିକୁ ପାଳନ କରନ୍ତି। ଏହି ଜନାଦେଶରୁ ଯେଉଁ ପାର୍ଟି ବଂଶବାଦ, ତୁଷ୍ଟିକରଣ ଓ ଜାତିବାଦକୁ ନେଇ ରାଜନୀତି କରନ୍ତି ସେମାନଙ୍କ ପାଇଁ ସ୍ଥାନ ନାହିଁ ବୋଲି ଜନାଦେଶରୁ ସ୍ୱଷ୍ଟ ହୋଇଛି ।୨୦୧୪,୨୦୧୭, ୨୦୧୯ ପରେ ଏବେ ୨୦୨୨ରେ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ, ସର୍ବସ୍ପର୍ଶୀ ନେତୃତ୍ୱ, ସୁଶାସନ ଏବଂ "ସବକା ସାଥ୍, ସବକା ବିକାଶ ଏବଂ ସବକା ବିଶ୍ୱାସ"ର ମନ୍ତ୍ରରେ ମୋହର ଲଗାଇ ବିଜେପିକୁ ଆଶୀର୍ବାଦ କରିଥିବାରୁ ଶ୍ରୀ ପ୍ରଧାନ ୟୁପିବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ୟୁପି ଜନାଦେଶ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କ ସଂଗଠନ କୌଶଳ, ଯୋଗୀ ଆଦିତ୍ୟନାଥଙ୍କ କ୍ରିୟାନ୍ୱୟନ ଏବଂ ବିଜେପି ୟୁପି କାର୍ଯ୍ୟକର୍ତାଙ୍କ ପରିଶ୍ରମର ଫଳ। ଜାତି, ଧର୍ମ, ତୁଷ୍ଟିକରଣର ପାରମ୍ପାରିକ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ୟୁପିର ଜନତା ବିଶେଷ ଭାବରେ ମହିଳା ଓ ବିକାଶ ଯୋଦ୍ଧାମାନେ ଶାସନ, ପ୍ରଶାସନ, ବିକାଶ, ମହିଳା ସୁରକ୍ଷା ଏବଂ ଆଦର୍ଶର ରାଜନୀତିରେ ମୋହର ଲଗାଇ ଭାରତୀୟ ରାଜନୀତିକୁ ଏକ ନୂତନ ସ୍ତରକୁ ନେଇଛନ୍ତି।

## ପରୋକ୍ଷ ନିର୍ବାଚନ ମାଧ୍ୟମରେ ନିର୍ବାଚିତ ହେବେ ପଂଚାୟତ ସମିତି ଅଧ୍ୟକ୍ଷ , ଜିଲ୍ଲା ପରିଷଦ ସଭାପତି

ଭୁବନେଶ୍ୱର, ୧୧। ୩(ପି.ଏନ: ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା ଅନୁଯାୟୀ ପଂଚାୟତ ସମିତିର ଅଧ୍ୟକ୍ଷ/ଉପାଧ୍ୟକ୍ଷ ଏବଂ ଜିଲ୍ଲା ପରିଷଦର ସଭାପତି/ଉପସଭାପତି ପଦବୀଗୁଡ଼ିକ ପରୋକ୍ଷ ନିର୍ବାଚନ ମାଧ୍ୟମରେ ପୂରଣ କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନ ଗତ ଫେବୃଆରୀ ୧୫ ତାରିଖରେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ରାଜ୍ୟର ସମସ୍ତ ପଂଚାୟତ ସମିତିର ଅଧ୍ୟକ୍ଷ ପଦବୀ ନିମନ୍ତେ ୧୨ ତାରିଖରେ ପରୋକ୍ଷ ନିର୍ବାଚନ ଅନୁଷ୍ଠିତ ହେବ ଓ ଉପାଧ୍ୟକ୍ଷ ପଦବୀ ନିମନ୍ତେ ଆସନ୍ତା ୨୩ ତାରିଖରେ ନିର୍ବାଚନ ହେବ। ସେହିପରି ଚଳିତ ମାସ ୧୩ ତାରିଖରେ ସଭାପତି ପଦବୀ ନିମନ୍ତେ ଏବଂ ୨୫ ତାରିଖ ଦିନ ଉପସଭାପତି ପଦବୀ ନିମନ୍ତେ ପରୋକ୍ଷ ନିର୍ବାଚନ ଅନୁଷ୍ଠିତ ହେବ । ଉପରୋକ୍ତ ପଦବୀଗୁଡ଼ିକର ନିର୍ବାଚନ ନିମନ୍ତେ ନିଯୁକ୍ତ ହୋଇଥିବା ନିର୍ବାଚନ ଅଧିକାରୀମାନେ ନିର୍ଦ୍ଧାରିତ ତାରିଖ ଦିନ ପୂର୍ବାହ୍ନ ୧୦.୩୦ମିରୁ ୧୧.୩୦ମିନିଟ୍ ପର୍ଯ୍ୟନ୍ତ ପ୍ରାର୍ଥୀମାନଙ୍କୁ ନାମାଙ୍କନ ପତ୍ର ଦେଇ ପୁନର୍ବାର ଗ୍ରହଣ କରିବେ ଓ ୧୧.୩୦ମିରୁ ୧୨.୩୦ମିନିଟ୍ ମଧ୍ୟରେ ନାମାଙ୍କନ ପତ୍ରଗୁଡ଼ିକର ଯାଂଚ କରାଯିବ ଏବଂ ଅପରାହ୍ନ ୧ ଘଟିକା ପୂର୍ବରୁ ପ୍ରାର୍ଥୀମାନେ ଚାହିଁଲେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିପାରିବେ। ସେହିଦିନ ଅପରାହ୍ନ ୧.୩୦ମିରୁ ୪ ଘଟିକା ମଧ୍ୟରେ ଭୋଟଗ୍ରହଣ କରାଯିବ ଓ ପରେ ପରେ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ। ଉକ୍ତ ପଦବୀଗୁଡ଼ିକ ନିମନ୍ତେ ପରୋକ୍ଷ ନିର୍ବାଚନ ହେଉଥିବାରୁ ନିର୍ବାଚନରେ ଅଂଶଗ୍ରହଣ ନିମନ୍ତେ ଥିବା ସଭ୍ୟ/ସଭ୍ୟା କିମ୍ବା ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ଅଧିକାରୀମାନେ କେହି ଗୃହ ବାହାରକୁ ଯାଇପାରିବେ ନାହିଁ ବୋଲି ନିର୍ବାଚନ କମିଶନ କଟକଣା ଜାରି କରିଛନ୍ତି। ଶାନ୍ତି, ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ନିମନ୍ତେ ବିହିତ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନଙ୍କୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

## ଜଟଣୀରୁ ୧.୩୨କୋଟି ଟଙ୍କାର ବ୍ରାଉନସୁଗାର ଜବତ , ୩ ଗିରଫ

ଭୁବନେଶ୍ୱର, ୧୧। ୩(ପି.ଏନ: ଜଟଣୀରୁ କୋଟିଏରୁ ଅଧିକ ଟଙ୍କାର ବ୍ରାଉନସୁଗାର ଜବତ କରିଛି କ୍ରାଇମବ୍ରାଂଚ। ଏହି ମାମଲାରେ ୩ଜଣଙ୍କୁ ଗିରଫ କରିଛି କ୍ରାଇମବ୍ରାଂଚ ଏସ୍‌ଟିଏଫ୍ । ଗୁରୁବାର ଦିନ ସୂଚନା ପାଇଁ ଏସଟିଏଫ୍ ଜଟଣୀ ରାଜାବଜାରରେ ଚଢାଉ କରିଥିଲା । ଏହି ଚଢାଉରେ ପ୍ରାୟ ୧ କେଜି ୩୨୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୩୨ ଲକ୍ଷ ହେବ। ଏହାସହ ନଗଦ ୧ ଲକ୍ଷ ୬୫ ହଜାର ଟଙ୍କା ଏବଂ ଗୋଟିଏ ପଲସର୍ ବାଇକ୍ ଜବତ ହୋଇଛି । ସେହିପରି ବ୍ରାଉନସୁଗାର କାରବାର ଅଭିଯୋଗରେ ୩ ଜଣ ଗିରଫ ହୋଇଛନ୍ତି । ଗିରଫ ୩ ଜଣ ହେଲେ ଜଟଣୀ ରାଜାବଜାର ଗଜପତିନଗରର ସେକ୍ ସମୀର ଏବଂ ସୟଦ୍ ଇମ୍ତିୟାଜ୍ ଏବଂ ପୁରୀ ଡେଲାଙ୍ଗ ହରିରାଜପୁରର ରତି ରଞ୍ଜନ ରାଉତରାୟ।

## ଗୋଟିଏ ଦିନରେ ୧୦୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୧। ୩(ପି.ଏନ: – ରାଜ୍ୟରେ ଗୋଟିଏ ଦିନରେ ୧୦୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୬୩୫୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୬୧୫୦ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୦୪୭ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୦୮ ଜଣଙ୍କ ମଧ୍ୟରୁ ୬୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଜପତି ଜିଲ୍ଲାରୁ ସବୁଠାରୁ ଅଧିକ ୧୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୩ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧ ଓ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୮ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ ଗଜପତି ଜିଲ୍ଲାରୁ ୧୬ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୩, କଳାହାଣ୍ଡି ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୭ଜଣ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ରାୟଗଡ଼ା ଜିଲ୍ଲାର ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧. ସୁନ୍ଦରଗଡ଼ରୁ ୯, ଷ୍ଟେଟ୍ ପୁଲରୁ ୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଆସନ୍ତାକାଲି ନାୟବ୍ ସରପଂଚ ନିର୍ବାଚନ

ଭୁବନେଶ୍ୱର, ୧୧। ୩(ପି.ଏନ: ରାଜ୍ୟର ସମସ୍ତ ଗ୍ରାମ ପଂଚାୟତର ନାୟବ୍ ସରପଂଚ ପଦବୀ ନିମନ୍ତେ ମାର୍ଚ୍ଚ ମାସ ୧୧ ତାରିଖ (ଆସନ୍ତାକାଲି)ରେ ପରୋକ୍ଷ ନିର୍ବାଚନ ଅନୁଷ୍ଠିତ ହେବ। ଏଥି ନିମନ୍ତେ ନିଯୁକ୍ତ ହୋଇଥିବା ନିର୍ବାଚନ ଅଧିକାରୀମାନେ ଶୁକ୍ରବାର ଦିନ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରାର୍ଥୀଙ୍କୁ ନାମାଙ୍କନ ପତ୍ର ଦେବେ ଓ ୧୧ଟାରୁ ୧୧.୩୦ ମିନିଟ୍ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଯାଂଚ କରାଯିବ ଏବଂ ମଧ୍ୟାହ୍ନ ୧୨ଟା ପୂର୍ବରୁ ପ୍ରାର୍ଥୀମାନେ ଚାହିଁଲେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ । ସେହିଦିନ ମଧ୍ୟାହ୍ନ ୧୨ଟାରୁ ୧ ଘଟିକା ପର୍ଯ୍ୟନ୍ତ ନାୟବ୍ ସରପଂଚ ପଦବୀ ନିମନ୍ତେ ଭୋଟଗ୍ରହଣ କରାଯିବ ଓ ମତଦାନ ପରେ ପରେ ମତଗଣନା କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଗୋଆରେ କାହାକୁ ମିଳିଲାନି ସଂଖ୍ୟା ଗରିଷ୍ଠତା, ୨୦ରେ ଅଟକିଲା ବିଜେପି

ପାଣାଜୀ, ୧୦।୩(ପି.ଏନ): ଗୋଆରେ ସରକାର ଗଠନ କରିବାକୁ କୌଣସି ରାଜନୀତିକ ଦଳକୁ ସ୍ୱଷ୍ଟ ବହୁମତ ମିଳିନାହିଁ। ରାଜ୍ୟର ୪୦ ବିଧାନସଭା ଆସନରୁ କ୍ଷମତାସୀନ ବିଜେପି ସର୍ବାଧିକ ୨୦ଟି ଆସନ ଜିତିଛି। ହେଲେ ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୨୧। ବିଜେପି ପଛକୁ କଂଗ୍ରେସ ୧୨ଟି ଆସନ ଜିତିଥିବା ବେଳେ ଆପ୍ ଓ ଟିଏମସି ୨ଟି ଲେଖାଏ ଆସନ ଦଖଲ କରିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ୪ଟି ଆସନ ଜିତିଛନ୍ତି। ଏହି ୪ ଜଣଙ୍କ ମଧ୍ୟରୁ ଜଣେ ଯଦି ବିଜେପିକୁ ସମର୍ଥନ କରିବେ, ତା'ହେଲେ ଦଳ ଏଠାରେ ସରକାର ଗଠନ କରିବାକୁ ମ୍ୟାଜିକ ନମ୍ବର ହାସଲ କରିନେବ।ସ୍ୱାଧୀନ ପ୍ରାର୍ଥୀଙ୍କୁ ନିଜ ଆଡକୁ ଆଣିବା ପାଇଁ ବିଜେପି ମଧ୍ୟ ପ୍ରୟାସ ଆରମ୍ଭ କରିଦେଇଛି। ଏପରି କି ଦଳର ଜଣେ ବରିଷ୍ଠ ନେତା ୪ ଜଣ ଯାକ ସ୍ୱାଧୀନ ବିଧାୟକ ବିଜେପିକୁ



ସମର୍ଥନ ଘୋଷଣା କରିଥିବା କହିଛନ୍ତି।ବିଜେପି ସର୍ବବୃହତ୍ତ ଦଳ ଭାବେ ଉଭୟ ହୋଇଥିବାରୁ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଗୋଆ ରାଜ୍ୟପାଳଙ୍କୁ ଭେଟିବେ। ଏହି ସମୟରେ ସେ ସରକାର ଗଠନ କରିବାକୁ ଦାବି ଜଣାଇବେ। ଏଥିସହ ବିଜେପି ପାଖରେ କେତେ ବିଧାୟକ ଅଛନ୍ତି, ତା'ର ତାଲିକା ମଧ୍ୟ ଦେବେ। ତାଲିକା ପରେ ହିଁ ଗୋଆର କେତେ ଜଣ ସ୍ୱାଧୀନ ବିଧାୟକ ବିଜେପିକୁ ସମର୍ଥନ କରୁଛନ୍ତି, ତା'ହା ସ୍ୱଷ୍ଟ ହେବ।୨୦୧୭ ଗୋଆ ବିଧାନସଭାରେ କଂଗ୍ରେସ ସର୍ବବୃହତ ଦଳ ଭାବେ ଉଭା ହୋଇଥିଲେ ମଧ୍ୟ ସରକାର ଗ ?ିବାକୁ ଅକ୍ଷମ ହୋଇଥିଲା। ନେତାଙ୍କ ଦୂରଦୃଷ୍ଟିର ଅଭାବ ଓ ଦଳ ବଦଳ ଯୋଗୁ କଂଗ୍ରେସ ଗୋଆରେ ସର୍ବାଧିକ ଆସନ ଜିତି ମଧ୍ୟ ମୁଖ୍ୟମନ୍ତ୍ରୀ ଆସନ ଦଖଲ କରିପାରି ନଥିଲା। କିନ୍ତୁ ବିଜେପି ୨୦୧୭ରେ କଂଗ୍ରେଦ କରିଥିବା ଭୁଲର ପୁନରାବୃତ୍ତି କରିବାକୁ ଚାହୁଁନି। ଏଥିପାଇଁ ଦଳ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ନିଜ ଆଡକୁ ଆଣିବା ପାଇଁ ଫୁଲଦମରେ ଲାଗିପଡିଛି।୨୦୧୭ ଗୋଆ ବିଧାନସଭାର ୪୦ ଆସନରୁ କଂଗ୍ରେସ ୧୭ଟିରେ ବାଜିମାତ କରିଥିଲା। ହେଲେ ବିଜେପି ୧୩ଟି ଆସନ ଜିତି ସରକାର ଗଠନ କରିବାକୁ ସକ୍ଷମ ହୋଇଥିଲା। ବିଜେପି ରାଜ୍ୟର ଛୋଟ ଛୋଟ ଦଳକୁ ନିଜ ସହ ସାମିଲ କରି ବେଶ ସହଜରେ ମ୍ୟାଜିକ ନମ୍ବର ହାସଲ କରି ନେଇଥିଲା।ଦୁଇ ବର୍ଷ ପରେ କଂଗ୍ରେସର ୧୭ ବିଧାୟକଙ୍କ ମଧ୍ୟରୁ ୧୫ ଜଣ ବିଜେପିରେ ମିଶିଥିଲେ। କଂଗ୍ରେସ ବାବୁ କାଭଲେକରଙ୍କୁ ବିରୋଧୀ ଦଳ ନେତା କରିଥିଲା। ହେଲେ ସେ ବିଜେପିରେ ମିଶି ଉପ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦଳ ୨୦୧୭ରେ ୧୭ଟି ଆସନ ଜିତି ନଥିଲେ ମଧ୍ୟ ୨୦୨୨ରେ ଏହା ୧୨କୁ ଖସିଛି।

## ଉତ୍ତରାଖଣ୍ଡରେ ହାରିଲେ ମୁଖ୍ୟମନ୍ତ୍ରୀ, କିନ୍ତୁ ଦଳ ଜିତିଲା

ଡେରାଡୁନ: ଗୋଆ ପରେ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ରେଜଲ୍ଟ ସାମ୍ନାକୁ ଆସିଛି। ନିର୍ବାଚନ ଫଳାଫଳ ଅନୁଯାୟୀ ଉତ୍ତରାଖଣ୍ଡରେ ପୁଣି ସରକାର ଗଠନ କରିବା ପାଇଁ ବିଜେପି ଆବଶ୍ୟକ ମ୍ୟାଜିକ ନମ୍ବର ହାସଲ କରି ନେଇଛି। ଦଳ ଏଠାରେ ସରକାର ଗଠନ କରିବାକୁ ଯାଉଥିଲେ ହେଁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପରାସ୍ତ ହୋଇଛନ୍ତି। ଉତ୍ତରାଖଣ୍ଡର ୭୦ଟି ଆସନରୁ ବିଜେପି ୩୯ଟିରେ ଜିତି ସାରିଛି। ସେହିପରି ବାକି ୯ଟି ଆସନରେ ଲିଡ୍ କରୁଛି। ଲିଡର ମାତ୍ରା ଏତେ ଅଧିକ ଅଛି ଯେ ଏହି ୯ଟି ଯାକ ଆସନରେ ମଧ୍ୟ ବିଜେପି ଜିତିବା ଏକ ପ୍ରକାରର ନିଶ୍ଚିତ ହୋଇଛି। ଏହାର ଅର୍ଥ ରାଜ୍ୟରେ





ବିଜେପି ଏକାକୀ ୪୮ଟି ଆସନ ଦଖଲ କରିବ। ୨୦୧୭ରେ ଦଳ ଏଠାରେ ୫୭ଟି ଆସନ ଜିତିଥିଲା। ବିଜେପିର ଆସନ ସଂଖ୍ୟା କମିଥିଲେ ମଧ୍ୟ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୩୬କୁ ବେଶ ସହଜରେ ହାସଲ କରିନେଇଛି। କଂଗ୍ରେସ ୧୫ଟି ଆସନ ଜିତିଥିବା ବେଳେ ଆଉ ୩ଟିରେ ଆଗରେ ରହିଛି। ଆପ ଏଠାରେ ଖାତା ଖୋଲିବାକୁ ସକ୍ଷମ ହୋଇନି। ସେହିପରି ଅନ୍ୟାନ୍ୟ ଦଳ ୪ଟି ଆସନରେ ବାଜିମାତ କରିଛନ୍ତି। ଆପ୍ ପଞ୍ଜାବରେ ସରକାର ଗଠନ କରିଥିବା ବେଳେ ଉତ୍ତରାଖଣ୍ଡରେ ଖାତା ନ ଖୋଲିପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନ୍ୟପକ୍ଷରେ ଧାମି ପରାସ୍ତ ହେବା ରାଜ୍ୟ ତଥା କେନ୍ଦ୍ରୀୟ ବିଜେପି ନେତାଙ୍କ ଚିନ୍ତା ବଢ଼ାଇ ଦେଇଛି। କାରଣ ଏବେ ଉତ୍ତରାଖଣ୍ଡରେ କିଏ ବିଜେପିର ମୁଖ୍ୟମନ୍ତ୍ରୀ ହେବେ, ସେନେଇ ଟେନସନ ବଢ଼ିଛି। ନିର୍ବାଚନର ଠିକ୍ ପୂର୍ବରୁ ବିଜେପି ଧାମିଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରିଥିଲା। ଏପରି କି ତାଙ୍କ ନେତୃତ୍ୱରେ ବିଜେପି ଉତ୍ତରାଖଣ୍ଡରେ ବିଧାନସଭା ନିର୍ବାଚନ ବି ଲଢ଼ିଥିଲା। ଏଥିରେ ଦଳକୁ ସଫଳତା ମିଳିଥିଲେ ହେଁ ବ୍ୟକ୍ତିଗତ ଭାବେ ପୁଷ୍କର ଧାମି ନିରାଶ ହୋଇଛନ୍ତି। ଧାମି ଖଟିମା ଆସନରୁ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ଏଠାରେ ସେ କଂଗ୍ରେସ ପ୍ରାର୍ଥୀଙ୍କ ଠାରୁ ପ୍ରାୟ ୬ ହଜାର ଭୋଟରେ ହାରି ଯାଇଛନ୍ତି ।ଧାମିଙ୍କ ବ୍ୟତୀତ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ ମଧ୍ୟ ହାରିଛନ୍ତି। ଲାଲକୁଆଁ ଆସନରେ ତାଙ୍କର ଲଢ଼ଇ ବିଜେପି ପ୍ରାର୍ଥୀ ମୋହନ ସିଂ ବିଷ୍ଟଙ୍କ ସହ ହୋଇଥିଲା। ବିଷ୍ଟ ଏଠାରେ ୧୪ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିଛନ୍ତି। ହରିଶ ରାୱତଙ୍କ ଝିଅ ଅନୁପମା ରାୱତଙ୍କୁ ମଧ୍ୟ ପରାଜୟର ମୁହଁ ଦେଖିବାକୁ ପଡିଛି।

## ମୋଦିଙ୍କ ସୁଶାସନ ଓ ବିକାଶ ପ୍ରତି ପୁନଃ ଆସ୍ଥା ପ୍ରକଟ କରିଛନ୍ତି ୪ ରାଜ୍ୟବାସୀ : ସମୀର ମହାନ୍ତି

ଭୁବନେଶ୍ୱର, : ଚଳିତ ନିର୍ବାଚନରେ ଉତରପ୍ରଦେଶ, ଉତରାଖଣ୍ଡ, ଗୋଆ ଏବଂ ମଣିପୁର ରାଜ୍ୟବାସୀ ପୁଣି ଥରେ ଭାରତୀୟ ଜନତା ପାର୍ଟି ଉପରେ ଆସ୍ଥା ପ୍ରକଟ କରିଛନ୍ତି । ଏ ସମସ୍ତ ରାଜ୍ୟରେ ବିଜେପିକୁ ବିପୁଳ ସଂଖ୍ୟାରେ ଭୋଟ ମିଳିଛି । ବିଶେଷ ଭାବେ ଉତରପ୍ରଦେଶ ଏବଂ ଉତରାଖଣ୍ଡ ରାଜ୍ୟବାସୀ ଲଗାତାର ଭାବେ ବିଜେପିକୁ ଶାସନ କ୍ଷମତା ପ୍ରଦାନ କରି ନୂତନ ଇତିହାସ ସୃଷ୍ଟି କରିଛନ୍ତି । କେନ୍ଦ୍ର ଓ ରାଜ୍ୟରେ ବିଜେପିର ଡବଲ ଇଂଜିନ ସରକାର କାରଣରୁ ମୋଦି ସରକାରଙ୍କ ସୁଶାସନ, ବିକାଶ ଏବଂ ଜନକଲ୍ୟାଣ ଯୋଜନାଗୁଡିକ ସଠିକ୍ ଲାଭାର୍ଥୀଙ୍କ ପାଖରେ ପହଂଚିଥିବାରୁ ସାଧାରଣ ଜନତାଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଐତିହାସିକ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟ ସଭାପତି ସମୀର ମହାନ୍ତି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏଥି ସହ ବିଜେପି ବିଜୟ ଲାଭ କରିଥିବା ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ମଣିପୁର ମୁଖ୍ୟମନ୍ତ୍ରୀ ଏନ.ବିରେନ୍ ସିଂହ ଏବଂ ଉତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀଙ୍କୁ ମଧ୍ୟ ଶ୍ରୀ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି । ଉତରପ୍ରଦେଶ ନିର୍ବାଚନ ଦାୟୀତ୍ୱରେ ଥିବା ଓଡିଆ ପୁଅ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମଣିପୁର ନିର୍ବାଚନ ଦାୟୀତ୍ୱରେ ଥିବା ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ରଙ୍କୁ ମଧ୍ୟ ଏହି ଐତିହାସିକ ସଫଳତା ପାଇଁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।






# ଶାସ୍ତ୍ରୀୟ ମାନ୍ୟତାର ଲାଭ କେତେ ?

**୨**୦୧୪ ମସିହା ମାର୍ଚ୍ଚ ୧୧ତାରିଖରେ ଆମ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା। ବହୁ ଆଗରୁ ପାଇବାର ଥିଲା,



ହେଲେ ଆମ ଅପାରଗତାରୁ ଏତେ ବିଳମ୍ବ ହେଲା। ତାମିଲ, ତେଲୁଗୁ, ସଂସ୍କୃତ, କନ୍ନଡ଼, ମାଲାୟଲାମ ପରେ ଓଡ଼ିଆ ଷଷ୍ଠ ଭାଷା ଭାବେ ମାନ୍ୟତା ପାଇଲା। ମାନ୍ୟତା ମିଳିବା ପରେ ଥରକେ ୧୦୦ କୋଟି ଆଉ ବର୍ଷକୁ ୫କୋଟି ଟଂକା ମିଳିବ ବୋଲି ସେତେବେଳେ କେନ୍ଦ୍ର ତରଫରୁ ଘୋଷଣା ହୋଇଥିଲା। ଯା ଭିତରେ ୭-୮ ବର୍ଷ ହେଇଗଲା। ଆମ ଭାଷାର କଉଡ଼ ରକମର ଉନ୍ନତି ହେଲା, କୋଟି କୋଟି ଟଂକା ସହାୟତା ରାଶିରେ କ'ଣ ସମୃଦ୍ଧି ସାଧନ ହେଲା, ତାହା ଜଣେ ସାଧାରଣ ଓଡ଼ିଆ ଭାବେ ଆମେ ଜାଣିବା ଦରକାର। ତେବେ ପ୍ରଶ୍ନ ହେଉଛି, କ'ଣ କାମ ହେଇଛି ବା ହଉଛି ଆମେ କେତେ ଜାଣିଛେ? ଆମ ଭାଷା ଘୋଡ଼ାମାର୍କା ଧାଇଁବ ବୋଲି ପୁରୁଣାକାଳିଆ ଲୋକେ ଭାବୁଥିବେ। ହେଲେ ଦିନକୁ ଦିନ ଆମ ଓଡ଼ିଆଏ ହୀନମନ୍ୟତାରେ ଜଡ଼ସଡ଼ ହଉଛନ୍ତି! କହୁଛନ୍ତି, 'ଓଡ଼ିଆରେ ଟଚ୍ ଛାଡ଼ିଗଲାଣି'! ସେପାଖେ ଜାତିସଂଘ କହିଲାଣି, ବର୍ତ୍ତାନ ଭଳି ସ୍ଥିତି ଲାଗିରହିଲେ ଆଉ ଶହେ ବର୍ଷ ପରେ ଓଡ଼ିଆ ଭାଷା ବି ବିଲୁପ୍ତ ହୋଇଯାଇପାରେ।

ଆପଣଂକର ମନେଥିବ, ୨୦୧୪ ମସିହା ଆଡ଼କୁ ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ନେଇ କିଛି ଲୋକଙ୍କର ଯୋଉ ନାଁ ନବାର ପ୍ରତିଯୋଗିତା ଚାଲିଲା, ଆଖି ତରାଟି ହେଇଯାଇଥିଲା। କେନ୍ଦ୍ରରେ ମାନ୍ୟତା ସମ୍ବନ୍ଧୀୟ ଦଲିଲ ପେଶ୍ କରିବାକୁ ଯୋଉ ପେଁଞ୍ଚପାଁ ଚାଲିଲା ନା, ଆମେ ଜଳକା ପ୍ରାୟ ଚାହିଁରହିଥିଲୁ। ଆମ ଭାଷାଟା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଆମ ଲୋକେ ବି ଆଜ୍ଞାମାନଙ୍କୁ ଏମନ୍ତ ସମ୍ବର୍ଦ୍ଧନା ଓଜାଡ଼ି ପକେଇଲେ, ଯେମନ୍ତକି ଏଇମାନେ ହିଁ ଆମ ଭାଷାଟାକୁ ଟେକିକି ଧରିଥିଲେ! କିହୋ ଆମ ଓଡ଼ିଆ ଭାଷା କାହିଁ କୋଉ କାଳରୁ ଅଛି; ଏ ଭାଷା, ସାହିତ୍ୟର ଯୋଗଜନ୍ମା ରଥୀ ମହାରଥୀମାନେ କାହିଁକେତେ ସଂଗ୍ରାମ କରିଛନ୍ତି, କେତେ ଲାଂଛନା ପାଇଛନ୍ତି, ଅପମାନିତ ହୋଇଛନ୍ତି; ସେମାନଙ୍କ କଥା ପୂରା ଭୁଲିଗଲ। କିହୋ ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ତାଂକ ଫଟୋରେ ଟିକେ ଫୁଲ ଚନ୍ଦନ ଦେଇ ମୁଣ୍ଡିଆ ମାରିଥାନ୍ତ ହେଲେ, କହିଥାନ୍ତ, ଯା' ହଉ, ତୁମମାନଙ୍କ ଯୋଗୁଁ ଆମେ ଓଡ଼ିଆଏ ଧନ୍ୟ ହେଲୁ। ଆମ ଭାଷାର ଖ୍ୟାତି କେତେ ଉଚ୍ଚକୁ ଗଲା। ନାଇଁ ସେକଥା ହେଲାନାହିଁ, ନିଜେ କେମିତି ବିଖ୍ୟାତ ହେବେ, ସେଇକଥାରେ ଲାଗିପଡ଼ିଲେ। ସୁଧୀଜନେ! ଭାଷା-ସାହିତ୍ୟପ୍ରେମୀଏ! କଥାଟା ବୁଝୁଛନ୍ତି ତ?...ଇଏ ସାଧାରଣ କଥା ନୁହଁ, ମଂଜ କଥା। ନ ବୁଝିପାରିଲେ?...ମାରିନେବେ ମହାପାତ୍ରେ, ଚାହିଁରହିଥିବେ ଜଳକା। ଆମ ଭାଷା, ସାହିତ୍ୟର ଉନ୍ନତି ଆଉ ସମୃଦ୍ଧି ପାଇଁ ଯେତିକି ଆର୍ଥିକ ସହାୟତା ମିଳୁଚି; ସେଥିରୁ ମହାପାତ୍ରମାନେ କେତେ ମାରୁଛନ୍ତି, କେତେ ଖର୍ଚ୍ଚ କରୁଛନ୍ତି, ତା'ର ହିସାବ ଆମ ପାଖରେ ନାହିଁ। କାରଣ ଆମ ଭାଷା, ସାହିତ୍ୟ କେବଳ ସେଇ ଖାସ୍ ଆଦମୀମାନଙ୍କ ପାଇଁ, ସାହିତ୍ୟର ବଡ଼ପଣ୍ଡାମାନଙ୍କ ପାଇଁ, ଯୋଉମାନଙ୍କ ଭିତରୁ ଅଧିକାଂଶଙ୍କ ଭିତରେ ଯୋଗାଡ଼ିଆ ଭାବଟା ଜ୍ଞାନଗରିମା ଠାରୁ ଅଧିକ। ସହଜେ ତ ଆମ ଭାଷା-ସାହିତ୍ୟ ପୋଖରୀ ସାଂଘାତିକ ଗୋଳିଆ। ଏଥିରେ ପୁଣି ଆହୁରି ଗୋଳି କରିବାକୁ କୋଟି କୋଟିର ମାଲ ଆସିଗଲା। ମାନେ ଭାଷା-ସାହିତ୍ୟ ଆହୁରି ସମୃଦ୍ଧ ହବ କ'ଣ, ଆହୁରି ବଦ୍‌ନାମ ଏ ଓଡ଼ିଆ ଜାତିକୁ ମୁଣ୍ଡେଇବାକୁ ପଡ଼ିବ, ଯଦି ଭାଷା, ସାହିତ୍ୟ ପାଇଁ ଆସୁଥିବା ଅର୍ଥ ସାଧାରଣ ପାଠକ ଆଉ ପ୍ରତିଭାବାନ ଲେଖକମାନଙ୍କ ହିତରେ ନଆସୁଥିବ। ଭାଷା-ସାହିତ୍ୟର ତଥାକଥିତ ଖାସ୍ ଆଦ୍‌ମୀମାନେ ଆମ୍ ଆଦ୍‌ମୀମାନଙ୍କୁ ଭଣ୍ଡେଇ ଚାଲିବା ହିଁ ସାର ହଉଥିବ। ସାଧାରଣ ରାଜା ରାମମୋହନ ପାଠାଗାର ବହି ଚୟନ ଠିକ୍‌ରେ ହେଇପାରୁନି, ବିଭିନ୍ନ ରକମର ପ୍ରିୟାପ୍ରୀତିତୋଷଣ ଚାଲିଚି। ପୁଣି ପୁରସ୍କାର କଥା ତ ତଦ୍ରୂପ। ଆମ ସାହିତ୍ୟରେ ତେଲର ବଡ଼ ଭୂମିକା। ନାଇଁ ଆମେ କିରୋସିନ ତେଲ କଥା କହୁନୁ, ତେଲମରାଙ୍କ କଥା କହୁଚୁ। ତଥାକଥିତ ଖାସ୍ ଆଦ୍‌ମୀ ସାହିତ୍ୟିକମାନଙ୍କୁ ଯଦି ଆପଣ ତେଲ ନ ମାରିବେ, ତେବେ ସ୍ୱୀକୃତି ମିଳିବନି; ବଡ଼ ପୁରସ୍କାର ଫୁରସ୍କାରର ସ୍ୱପ୍ନ ଦେଖିବେନି। ଆପଣ କେବେ ଦେଖିଛନ୍ତି, କୋଉ ସାହିତ୍ୟିକ ପୂର୍ବରୁ କୌଣସି ସୂଚନା ନଥାଇ ହଠାତ୍ ଖବର ପାଇବ ଯେ, ସିଏ ପୁରସ୍କୃତ ହଉଚି, ତା' ସାହିତ୍ୟ କୃତୀକୁ ମାନ୍ୟତା ମିଳିଚି। ଅବସ୍ଥା ଏଭଳି: ନା, ଆମ ବରିଷ୍ଠମାନେ କନିଷ୍ଠମାନଙ୍କୁ ଉତ୍କୃଷ୍ଟ ଅଭିନବ ଜନାଭିମୁଖୀ ସାହିତ୍ୟ ସୃଷ୍ଟି ପାଇଁ ଅନୁପ୍ରେରିତ କରିପାରିଲେ ନା ଆମ କନିଷ୍ଠମାନେ ସାହିତ୍ୟର ସେମିତି କିଛି ବାଗ-ବାଇଶ ସେମାନଙ୍କ ଠାରୁ ଶିଖିଲେ! ସବୁବେଳେ ପୁରସ୍କାରକୁ ନେଇ ବିବାଦ, ବହିକିଣାକୁ ନେଇ ବିବାଦ! ତେଲମରା, ଗୋଷ୍ଠୀ ଓ ଦଲାଲି ଆଚରଣ ଭିତରେ ଆମ ଭାଷା-ସାହିତ୍ୟ ତା' ଅସ୍ମିତା କେତେ ବଜାୟ ରଖିବ, ଆପଣ ଭାବନ୍ତୁ। ଟିକେ ଗହୀରେଇକି ଚିନ୍ତା କରନ୍ତୁତ, ସତ୍-ସାହିତ୍ୟ ବା ଜନ-ସାହିତ୍ୟ ସୃଷ୍ଟି କରିବା ଅପେକ୍ଷା ମିଥ୍ୟା-ସାହିତ୍ୟ ବା ଧନ-ସାହିତ୍ୟର ଅବଲମ୍ବୀ ହେଉନାହାନ୍ତି କି ଆଜିର ସାହିତ୍ୟିକ। ସତରେ ଆମ ସାହିତ୍ୟ ଜନଗଣଙ୍କୁ କେତେଦୂର ପ୍ରଭାବିତ କରୁଚି!

ଆଗରୁ ବର୍ଷକୁ ଥରେ ଦି' ଥର ଆମର ଭାଷା, ସାହିତ୍ୟ, ସଂସ୍କୃତି ପାଇଁ ଦିବସ ପାଳନ ହଉଥିଲା ମାନେ ଆମର ମା' ମନେପଡୁଥିଲା। ଏପ୍ରିଲ ୧-ଉତ୍କଳ ଦିବସ ଆଉ ଗୋଟେ ଓଡ଼ିଆ ନବବର୍ଷ ବା ବିଷୁବ ସଂକ୍ରାନ୍ତି: ବିଶେଷ କରି ଏଇ ଦି'ଟା ଦିନରେ ଆମର ମା' ବେଶୀ ମନେପଡ଼େ। ଜୋରଦାରିଆ ସଭାସମିତି ହୁଏ, ଭାଷଣବାଜି ହୁଏ, ମାତୃଭାଷାର ସୁରକ୍ଷା ତଥା ଉନ୍ନତି ପାଇଁ ଶପଥ ନିଆହୁଏ, ପ୍ରତିଶ୍ରୁତି ଦିଆହୁଏ। ସରକାରୀ ସ୍ତରରେ ସବୁ କାଗଜପତ୍ର ଓଡ଼ିଆରେ ହବ ବୋଲି ଘୋଷଣା ହୁଏ; ନାଇଁ ଘୋଷଣା ତ ବହୁ ଆଗରୁ ହେଇଚି, ସେଇ ଘୋଷଣାକୁ ଜୋରଦାରିଆ କାର୍ଯ୍ୟକାରୀ କରିବା ପାଇଁ ଆଉ ଗୋଟେ ଘୋଷଣା ହୁଏ। ଓଡ଼ିଶା ବାହାରେ ଥିବା ବିଚ୍ଛିନ୍ନାଂଚଳକୁ ଫେରେଇ ଆଣିବା ପାଇଁ ସିଂହରଡ଼ି ହୁଏ। ସତେ ଯେମିତି ଏଇ ସାଙ୍ଗେ ସାଙ୍ଗେ ଆମେ ଯୁଦ୍ଧକଲା ଭଳିଆ ଅଭିଯାନରେ ବାହାରିଯିବୁ। ନଗଦ ଉପରେ କୋଟିଆରେ ଯାହା ଚାଲିଚି, ଆପଣ ତ ଜାଣୁଥିବେ।

ଏବେ ଆମ ଭାଷା ପ୍ରୀତି କଥା ଟିକେ ବିଚାରକୁ ନବା। ଆମେ ଶପଥ ନଉ, ବିବାହ, ବ୍ରତ ଆଉ ଅନ୍ତତଃପକ୍ଷେ ଓଡ଼ିଆ ଅସ୍ମିତା ରହିଥିବା ସଭାସମିତିର ନିମଂତ୍ରଣପତ୍ର ଓଡ଼ିଆରେ ଛପେଇବୁ ଆଉ ଯିଏ ଓଡ଼ିଆରେ ନ ଛପଇବେ, ଆମେ ସେଇ ଉତ୍ସବକୁ ବର୍ଜନ କରିବୁ। ହେଲେ କ'ଣ ହୁଏ?...କିହୋ ନିଜ ବନ୍ଧୁବାନ୍ଧବ ପରା ଇଂଗ୍ରିଜୀରେ ଛପେଇଥିବେ, କେମନ୍ତ ବର୍ଜନ କରିବେ?...ବାହାରେ ରହୁଥିବା ପୁଅ ବାହା ହଉଥିଲେ ବାପାଙ୍କୁ କହିବ, ନିମଂତ୍ରଣପତ୍ର ଇଂଲିଶ୍‌ରେ ଛାପିବ, ମୋର ଏଠି ସାଙ୍ଗମାନଙ୍କୁ




ଦବାର ଅଛି।...ମାନେ ତିରିଶ, ଚାଳିଶ ଜଣ ଅଣ-ଓଡ଼ିଆ ସାଙ୍ଗଙ୍କ ପାଇଁ ୫ଶହ ଇଂଗ୍ରାଜୀ କାର୍ଡ ଛପାହବ।...ଓଡ଼ିଆ, ଇଂଗ୍ରିଜୀ ଦି ପ୍ରକାରେ କାର୍ଡ କିଏ କରୁଚି, ଦିଅ ସବୁ ଇଂଗ୍ରିଜୀରେ ଛାପିଦିଅ..ସବୁଆଡ଼ିକି ପାଇବ।...ଆଜ୍ଞା ଏଇଠି ଓଡ଼ିଆ ମାଡ ଖାଇଯାଏ!! ଓଡ଼ିଶା ବାହାରେ ରହୁଥିବା ଓଡ଼ିଆ ବଂଧୁମାନେ ଟିକେ ଅନ୍ୟ ଅଣ-ଓଡ଼ିଆ ବଂଧୁମାନଙ୍କ ଭାଷା ସ୍ୱାଭିମାନ ଉପରେ ଟିକେ ନଜର ପକାନ୍ତେ, ତେବେ କେତେକାଂଶରେ ସେମାନଙ୍କର ଓଡ଼ିଆ ପ୍ରତି ଘୃଣାଭାବ ବୋଧେ ଦୂର ହୋଇପାରନ୍ତା! ବଙ୍ଗାଳି ଲୋକ ଓଡ଼ିଶା ଆସିଲେ ବିଶେଷକରି ପୁରୀ ଶ୍ରୀମନ୍ଦିରରେ ଆମ ଓଡ଼ିଆ ପଣ୍ଡାମାନେ ସେମାନଙ୍କ ସହ ବଙ୍ଗାଳିରେ କଥାହେବେ।...ହେଲେ ଆମେ ପଶ୍ଚିମବଙ୍ଗ ଗଲେ କେତେ ବଂଗାଳି ଲୋକ ଆମ ସହ ଓଡ଼ିଆରେ କଥା ହୁଅନ୍ତି? ଆମ ପଣ୍ଡାମାନେ ବି ତେଲୁଗୁ କହିପାରନ୍ତି, ମାତ୍ର ତିରୁପତିରେ କେତେ ଜଣ ପୂଜକ ଆମ ସହ ଓଡ଼ିଆରେ କଥା ହୁଅନ୍ତି? ହଁ, ବାହାଘର କାର୍ଡ କଥା ପଡ଼ିଥିଲା। ଓଡ଼ିଆ କାର୍ଡ ଛପେଇବା କ'ଣ ସହଜ...କାର୍ଡ ଛପେଇବାର ଯୋଉମାନେ ମାଧ୍ୟମ, ସେମାନଙ୍କ ପାଖରେ ଓଡ଼ିଆ କାର୍ଡ ପାଇଁ ଏତେ ଘୃଣା ଆଉ ହତାଦର ଭାବ, ତାହା ଅନୁଭବୀ ହିଁ ଜାଣେ।

ହଁ, ଏବେ ତ ଇଂଲିଶ ମିଡିୟମ ସ୍କୁଲଗୁଡ଼ାକ ଛତୁ ଭଳିଆ ଫୁଟୁଛନ୍ତି। ସରକାରୀ ଓଡ଼ିଆ ସ୍କୁଲର ଅବସ୍ଥା ତ ଆପଣ ଜାଣିଥିବେ। ତେଣୁ ଅଧିକାଂଶ ଏବେ ଇଂଲିଶ ମିଡିୟମ ସ୍କୁଲକୁ ଚାଲିଲେଣି। ଆଉ ଆମେ ସ୍କୁଲରେ ହଉ କି ଘରେ ଆମ ପିଲାଙ୍କୁ କ'ଣ ଶିଖଉଚେ?...ଏ ଫର ଆପଲ୍, ଆପଲ୍ ମାନେ ସେଓ।...ସେଓ ମାନେ ଆପଲ୍ କି ସେଓର ଇଂଲିଶ ଆପଲ୍ ବୋଲି କହିବାକୁ ଆମ ଜିଭ ଲେଉଟିନି।...ଆମ ପିଲେ ଆଗ ଇଂଲିଶ ଶିଖିବେ, ତା' ପରେ ଓଡ଼ିଆ ଶିଖିବେ।...ଶିଖିଲେ ଶିଖିବେ, ନ ଶିଖିଲେ ବି ଚଳିବ। ବଂଧୁ, ଆପଣ ତ ଜାଣିଥିବେ ସରକାରୀ ସ୍ତରରେ ଆମ ଓଡ଼ିଆ ଭାଷାଟା କେମିତି ଚାଲିଚି।...କିହୋ ରାଇଜ ମୁଖିଆ ଯଦି ଇଂଗ୍ରିଜୀରେ କଥା ହଉଛନ୍ତି, ତେବେ ଓଡ଼ିଆରେ କିଏ କାହିଁକି କଥା ହବ?...ଏଇଠି ଆମ ସାମ୍ବାଦିକମାନଙ୍କ କଥା ଟିକେ ଉଖାରିଦବା।...ଆଜ୍ଞା ଆମ ସାମ୍ବାଦିକମାନେ କେବେ ମଧ୍ୟ ଆମ ମୁଖ୍ୟମଂତ୍ରୀଙ୍କୁ ଓଡ଼ିଆରେ ପ୍ରଶ୍ନ ପଚାରନ୍ତି ନାହିଁ। କିହୋ ମୁଖ୍ୟମଂତ୍ରୀ ଯଦି କହୁଛନ୍ତି, ମୁଁ ଓଡ଼ିଆ ଭଲଭାବେ କହିପାରୁନି, ମାତ୍ର ବୁଝିପାରୁଚି; ତେବେ ତାଂକୁ ଓଡ଼ିଆରେ ପଚାରିବାରେ ଅସୁବିଧା କ'ଣ ରହୁଚି?...ପୁଣି ଆମର ଅଧିକାଂଶ ପ୍ରଶାସକମାନଙ୍କର ଇଂଗ୍ରାଜୀ ପ୍ରେମଟା ଚାକିରି କଲାବେଳୁ ବେଶୀ ଗଜୁରି ଉଠେ। କିହୋ ଏତେ କଷ୍ଟ କରି ଓଏଏସ୍, ଆଇଏଏସ୍..ଠାଣି ମାଣିଟା ଇଂଗ୍ରାଜୀ ନ କହିଲେ କୁଆଡୁ ଆସିବ!

ବଂଧୁ ଆମ ଓଡ଼ିଆ ଅସ୍ମିତା ଏୟାଯେ, ଆମେ ଯାହା କହୁ, ତାହା ନକରୁ।...ଏପଟେ ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନ ପାଇଁ ଗଳା ଫଟେଇ ଚିତ୍କାର କରୁ; ସେପଟେ ହୀନମନ୍ୟତାରେ ଜଡ଼ସଡ଼ ହେଉ।...ଓଡ଼ିଆ କହିବାକୁ, ଲେଖିବାକୁ, ପଢିବାକୁ ଭଲା ଲାଗେନା।...ଧନ୍ୟରେ ଓଡ଼ିଆ। ଆମ ଭାଷା ଶାସ୍ତ୍ରୀୟ, ଆମ ଐତିହ୍ୟ ଗୌରବମୟ। ତେଣୁ ଆମେ ସମୃଦ୍ଧ। ହେଲେ ଆମ ସମୃଦ୍ଧିର ପରିଚୟ କ'ଣ ତେଲ ମରାମରି, ଗୋଡ଼ ଟଣାଟଣି, ହୀନମନ୍ୟତା, ମା'କୁ ଭଲନପାଇ ମାଉସୀକୁ ଭଲପାଇବା। ଓଡ଼ିଆଏ ଟିକେ ହେଜନ୍ତୁ। ଶାସ୍ତ୍ରୀୟ ସମୃଦ୍ଧିର ମୋହର ବାଜିବା ପରେ ଆମ ଭାଷା, ସାହିତ୍ୟ ଜନ-ଗଣ-ମନକୁ କେମିତି ଜିତିବ, କେମିତି ଆମର ସ୍ୱାଭିମାନ ଜାଗିଉଠିବ, ସେଇ ଚିନ୍ତା ଆଉ କାମ ଟିକେ ହେଉ। ସମୃଦ୍ଧିଟା କେବଳ ତଥାକଥିତ ଭାଷା-ସାହିତ୍ୟର ସ୍ୱାର୍ଥାନ୍ୱେଷୀ ବଡ଼ପଣ୍ଡା ବା ଖାସ୍ ଆଦ୍‌ମୀମାନଙ୍କ ସମୃଦ୍ଧିରେ ନଲାଗୁ, ଆଉ ଏସବୁ ରୋକିବାର କାମଟି ପ୍ରକୃତ ସାହିତ୍ୟ ସାଧକ ବା ଆମ୍ ଆଦ୍‌ମୀ ସାହିତ୍ୟିକମାନେ କରନ୍ତୁ। ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଆମେ କେତେ ଲାଭରେ ରହିଲୁ ବା କେତେ କ୍ଷତିରେ ରହିଲୁ, ସେକଥା ବିଚାର କରିବାର ସମୟ ଉପନୀତ।

**ସମରେନ୍ଦ୍ର ବଳିଆରସିଂହ**
*ବିଶ୍ୱାତ୍ମା, ବହ୍ନି ଜଗବନ୍ଧୁ ନଗର, ଖୋର୍ଦ୍ଧା*

# ଲିଙ୍ଗଗତ ସମାନତାହିଁ ନିରନ୍ତର ବିକାଶର ମୂଳମନ୍ତ୍ର

## ଆନ୍ତର୍ଜାତୀୟ ମହିଳା ଦିବସ-୨୦୨୨



ଭୁବନେଶ୍ୱର (ପିଏନ୍) : ଦି ହ୍ୟୁମାନିଟି, ଥାର୍ଡ଼ ଜେଣ୍ଡର ୱେଲଫେୟାର ଟ୍ରଷ୍ଟ, ଏକତା ପରିଷଦ, ତପସ୍ୟା ଏସ୍.ଏଚ୍.ଜି. ମହାସଂଘ ଓ ଅରବିନ୍ଦ ମହିଳା ସମିତିର ମିଳିତ ସହଯୋଗରେ ଆନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ଗୀତଗୋବିନ୍ଦ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲିଙ୍ଗତ ସମାନତା ହିଁ ଆଗାମୀ ଦିନର ନିରନ୍ତର ବିକାଶର ଏକ ସୁଦୀର୍ଘ ମାର୍ଗ। ମହିଳାମାନଙ୍କର ଆର୍ଥିକ ଓ ସାମାଜିକ ସଶକ୍ତିକରଣ ସମାଜରେ ଲିଙ୍ଗଗତ ଭେଦଭାବକୁ ଦୂର କରିପାରିବ। ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ବିକାଶ ପାଇଁ ଆମକୁ ଏକ ତିନି ସୂତ୍ରୀ କାର୍ଯ୍ୟ ଖସଡ଼ା ବାହାର କରିବାକୁ ପଡ଼ିବ। ସମସ୍ତ କ୍ଷେତ୍ରରେ ଆମେ ସମାନୁପାତିକ ବ୍ୟବହାର ଏବଂ ସମ୍ମାନ ପ୍ରଦର୍ଶନ କରିବା ଅତ୍ୟନ୍ତ ଜରୁରୀ। ଏକବିଂଶ ଶତାବ୍ଦୀରେ ଆମ୍ଭେ ସାମାଜିକ ନ୍ୟାୟ ସହିତ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିପାରିଲେ ଅସମାନତା ଦୂର ହୋଇପାରିବ। ମହିଳା ସଶକ୍ତିକରଣ ଦିଗରେ ସରକାର ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସାମାଜିକ ଅନୁଷ୍ଠାନ, ମହିଳା ସଂଗଠନମାନେ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଦିଗରେ ନିରନ୍ତର ପ୍ରୟାସ କରିପାରିଲେ ଏହାର ଉପଯୁକ୍ତ କାର୍ଯ୍ୟକାରିତା ହୋଇପାରିବ। କୁଟୀର ଓ ଅଣୁବ୍ୟବସାୟ ମାଧ୍ୟମରେ ମହିଳାମାନଙ୍କୁ ଯୋଡ଼ିବାପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା। ବ୍ୟାଙ୍କ, ବଜାର ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଏକ ସମନ୍ୱୟ ରକ୍ଷା କରିପାରିଲେ ଓଡ଼ିଶାରେ ଶିଳ୍ପ ଉଦ୍ୟୋଗ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହେବ। ଟ୍ରାନ୍ସଜେଣ୍ଡର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର କୌଶଳ ବିକାଶ ଏବଂ ଆର୍ଥିକ ସହାୟତାକୁ ସୁନିଶ୍ଚିତ କରିପାରିଲେ ଅନେକାଂଶରେ କ୍ଷୁଦ୍ରଶିଳ୍ପ ଓ ଉଦ୍ୟାଗ ପ୍ରତି ଉତ୍ସାହ ବଢ଼ିବ। ନିରନ୍ତର ବିକାଶ ଦିଗରେ ସରକାର, ସାମାଜିକ ଅନୁଷ୍ଠାନମାନେ ସମନ୍ୱିତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ଏହାର କାର୍ଯ୍ୟକାରିତା ପାଇଁ କମ୍ୟୁନିଟି ମନିଟରିଂ ବ୍ୟବସ୍ଥା କରିପାରିଲେ ମହିଳାମାନଙ୍କର ବିକାଶ କ୍ଷେତ୍ରରେ ଏହା ଫଳପ୍ରଦ ହୋଇପାରିବ। ଏହି ଅବସରରେ ବିଶିଷ୍ଟ ଗାନ୍ଧିବାଦୀ ସମାଜସେବୀ ଶ୍ରୀମତୀ ପ୍ରଭାସିନୀ ରାଉତ, ପ୍ରଜ୍ଞାଜ୍ୟୋତି ଦାସ ଓ ମୀରା ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ ସହିତ ତପୋବନ ଲେନ୍ ବସ୍ତି ଓ ଫୁଲେଶ୍ୱରୀ ବସ୍ତିର ମହିଳାମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମହିଳାମାନଙ୍କୁ ପ୍ରମାଣପତ୍ର ଏବଂ ସିଲ୍ କପ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମାଜ କଲ୍ୟାଣ ବୋର୍ଡ଼ର ପୂର୍ବତନ ଅଧକ୍ଷା ନିବେଦିତା ନାୟକ, ଭିନ୍ନକ୍ଷମ ଆୟୋଗର ପୂର୍ବତନ ଅଧକ୍ଷା ସୁଲୋଚନା ଦାସ, ମା ମସଲାର ପରିଚାଳନା ନିର୍ଦ୍ଦେଶିକା ଦୀପ୍ତିମୟୀ ମହାନ୍ତି, ବିଶିଷ୍ଟ ଉଦ୍ୟୋଗୀ ଜୟଶ୍ରୀ ମହାନ୍ତି, ସାମାଜିକ ସଂଗଠନର ନେତ୍ରୀ ଉଷାରାଣୀ ବେହେରା, ସଖାର ପ୍ରତିଷ୍ଠାତା ମୀରା ପରିଡ଼ା, ଦ ହ୍ୟୁମାନିଟିର ସଭାପତି ଶ୍ରୀକାନ୍ତ ସାମନ୍ତରାୟ, ଟି.ଡବ୍ଲ୍ୟୁ.ଟି.ର ଅଧକ୍ଷା ମେଘନା ସାହୁ, ଏମ୍‌ଏସ୍‌ଏମ୍‌ଇ ବିଭାଗର ଡିଆରପି ଅମରଜ୍ୟୋତି ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସଚିକାନ୍ତ ପ୍ରଧାନ ସଂଯୋଜନା କରିଥିଲେ।

# କେନ୍ଦ୍ରାପଡା କଲେଜରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସମାଜ ବିଜ୍ଞାନ ବିଭାଗ ପ୍ରାଧାପିକା ଡ଼ଃ. ସୁଷମା ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ଼ଃ. ରାମଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଡ଼ଃ ଅପର୍ଣ୍ଣା ମହାନ୍ତି, ଡ଼ଃ. ଜ୍ୟୋତିର୍ମୟୀ ମହାପାତ୍ର, ପ୍ରଫେସର ଅନ୍ନପୂର୍ଣ୍ଣା ସୁଆର, ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡ଼ଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପାଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଡ଼ଃ. ବେହେରା ତାଙ୍କ ବକ୍ତବ୍ୟରେ ନାରୀର ଅର୍ନ୍ତନିହିତ ଶକ୍ତି, ସହନଶୀଳତା ଜୀବନ ସହିତ ଲଢ଼ିବାର ଶକ୍ତି ଉପରେ ଆଲୋକପାତ କରିଥିଲେ। ସେ ଉପସ୍ଥାପନା କରିଥିଲେ ଯେ ନାରୀର




ଲଢେଇ ଆବେଗ ସ୍ତରର ଲଢେଇ ଯାହାକି ଯୁଗାନ୍ତକାରୀ। ସମ୍ମାନିତ ଅତିଥି ଡ଼ଃ. ଅପର୍ଣ୍ଣା ମହାନ୍ତି ନିଜ ବକ୍ତବ୍ୟ ମାଧ୍ୟମରେ ନାରୀ ପ୍ରତି ହେଉଥିବା ଅତ୍ୟାଚାର ଓ ତା'ର ପ୍ରତିକାର ସମ୍ବନ୍ଧରେ ଆଲୋଚନା କରିଥିଲେ। ସେ ମା' ଲକ୍ଷ୍ମୀ ଓ ପେଟେଣ୍ଟ ମେଡିସିନର ସୁଲୋଚନା ଚରିତ୍ର ଉପାଖ୍ୟାନକୁ ଉଦାହରଣ ଦେଇ ନାରୀ ଚରିତ୍ର ମାଧ୍ୟମରେ ନାରୀ ଶକ୍ତିର ମହତ୍ୱକୁ ଉପସ୍ଥାପନା କରିଥିଲେ। ଏତଦବ୍ୟତିତ ନାରୀ ନିର୍ଯ୍ୟାତନା ନିବାରଣ ପାଇଁ ପୁରୁଷ ସମାଜ ମଧ୍ୟରେ ସଚେତନତା ଆଣିବା ଉଚିତ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଡ଼ଃ. ଜ୍ୟୋତିର୍ମୟୀ ମହାପାତ୍ର ପାଶ୍ଚାତ୍ୟ ଦେଶରେ ନିର୍ଯ୍ୟାତନା ଯୋଗୁଁ ବିବାହ ଓ ମାତୃତ୍ୱ ଲାଭ କରିବା ପାଇଁ ନାରୀ ଅନିଚ୍ଛା ପ୍ରକାଶ କରୁଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ଡ଼ଃ. ଅନ୍ନପୂର୍ଣ୍ଣା ସୁଆର ତାଙ୍କ ବକ୍ତବ୍ୟରେ ନାରୀ ଓ ପୁରୁଷ ପରସ୍ପର ପରିପୂରକ ବୋଲି କହିଥିଲେ। ସମାଜ ଗଠନରେ ଉଭୟଙ୍କ ଅବଦାନ ଅତୁଳନୀୟ ବୋଲି ଡ଼ଃ. ସୁଆର ବକ୍ତବ୍ୟ ରଖିଥିଲେ। କଲେଜ ଅଧକ୍ଷ ଡ଼ଃ. ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଲିଙ୍ଗଗତ ଭିନ୍ନତା ପରିବର୍ତ୍ତନ ହେଲାଣି ଏବଂ ଏହି ଭିନ୍ନତା ଆଗାମୀ ଦିନରେ ସଂପୂର୍ଣ୍ଣ ଭାବେ ବିଲୋପ ପାଇବ ବୋଲି କହିଥିଲେ। ଉପାଧକ୍ଷ ପ୍ରଫେସର ବେହେରା ତାଙ୍କ ବକ୍ତବ୍ୟରେ ନାରୀ ବିନା ପୁରୁଷର ସ୍ଥିତି ଅସମ୍ଭବ ବୋଲି ଦର୍ଶାଇଥିଲେ। ଡ଼ଃ. ସୁଷମା ଶତପଥୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗ ପ୍ରାଧାପିକା ରତ୍ନମଞ୍ଜରୀ ଦାଶ ଅତିଥି ପରିଚୟ ଦେଇଥିବା ବେଳେ ଅର୍ଥନୀତି ବିଭାଗ ଅଧାପିକା ଡ଼ଃ. ଦିପ୍ତି ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଇଂରାଜୀ ବିଭାଗ ଅଧାପିକା ଡ଼ଃ. ପ୍ରଭା ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡ଼ଃ. ପ୍ରଭା ସାମନ୍ତରାୟ, ଲେଫଟନାଣ୍ଟ ସୀମା ମହାନ୍ତି, ତୁହିନା ସାନିଏଲ(ମିଶ୍ର) ପ୍ରମୁଖ କବିତା ପାଠ କରିଥିବା ବେଳେ ଅଧାପିକା ମୋନାଲିସା ସିଂ, ଅଧାପିକା ମଧୁସ୍ମିତା ସିଂ, ଅଧାପିକା ବନ୍ଦିତା ସଂଗୀତ ପରିବେଷଣ କରିଥିଲେ। ପ୍ରାଧାପିକା ପୌର୍ଣ୍ଣମାସୀ ପଣ୍ଡା, ପ୍ରାଧାପିକା ମିନତୀ ଜେନା, ଅଧାପିକା ପୂର୍ବାସା ପ୍ରିୟଦର୍ଶିନୀ, ଅଧାପିକା ପ୍ରୀତିରେଖା ସ୍ୱାଇଁ, ଅଧାପିକା ସୌମ୍ୟା ମହାରଣା, ମୁଖ୍ୟ ଗ୍ରନ୍ଥାଗାରିକା ମାନସୀମଞ୍ଜରୀ ଜେନା, ଅଧାପିକା ଶୁଭଶ୍ରୀଙ୍କ ସମେତ କଲେଜର ମହିଳା କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କେଚ ପକ୍ଷରୁ ଫାଷ୍ଟେକ ପ୍ରଶିକ୍ଷଣ ଶିବିର




କେନ୍ଦ୍ରାପଡ଼ା (ପିଏନ୍): ସୁସ୍ଥ ଜୀବନ ପାଇଁ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟପାନୀୟ ଜରୁରୀ। କିନ୍ତୁ ଏଦିଗରେ ଲୋକମାନଙ୍କ ସଚେତନତା ଅଭାବରୁ ଭେଜାଲ ଓ ଅପମିଶ୍ରଣ ଯୋଗୁଁ ବିଷାକ୍ତ ଖାଦ୍ୟ ସ୍ୱାସ୍ଥ୍ୟହାନୀ କରୁଛି। କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତ ଓ ବିକ୍ରୀବଟାକୁ ସୁସଂଯତ କରିବାକୁ କଠୋର ଆଇନ ପ୍ରଣୟନ ସହ ଜୋରିମାନା, ଦଣ୍ଡବିଧାନ ବ୍ୟବସ୍ଥା ସହ ଫାଷ୍ଟେକ ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା କରିଛନ୍ତି। ଏହି ଅବସରରେ କେନ୍ଦ୍ରାପଡା ସହରର ଚଉଁରୀ ବ୍ରହ୍ମପୁର ସ୍ଥିତ ପବ୍ଲିକ ରିଡିଂରୁମ ପରିସରରେ ସ୍କେଚ ପକ୍ଷରୁ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ସଂଯୋଜକ ପାର୍ଥସାରଥୀ ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଠାଦୋକାନୀ ମହାସଙ୍ଘର ସଭାପତି ସେକ ଅବଦୁଲ୍ଲା , ସମ୍ମାନିତ ଅତିଥି ଭାବେ ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଫାଷ୍ଟକ ଟ୍ରେନର ପତିତପାବନ ମହାନ୍ତି ନିରାପଦ ଖାଦ୍ୟର ପ୍ରସ୍ତୁତ, ସଂରକ୍ଷଣ ଓ ବିତରଣ ସମ୍ପର୍କରେ ୫୦ରୁ ଉର୍ଦ୍ଧ୍ୱ ଖାଦ୍ୟ ବ୍ୟବସାୟୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଫାଷ୍ଟେକ ଅଭିଯାନର ରାଜ୍ୟ ସଂଯୋଜକ ତଥା ଫୋକସ ଫାଉଣ୍ଡେସନର ଆବାହକ ପ୍ରଦୀପ ମୁଖାର୍ଜୀଙ୍କ ସଂଯୋଜନାରେ ବ୍ଲକ ସଂଯୋଜକ ପ୍ରଦ୍ୟୁମ୍ନ ପଣ୍ଡା, ଜସ୍ମିନ ରଥ, ଅନନ୍ତ ନାରାୟଣ ରଥ, ଅମରବର ବିଶ୍ୱାଳ, ଅବିନାଶ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ୮ନମ୍ବର ଜୋନର ୭ଟି ପଞ୍ଚାୟତରେ ବିଜୟୀ ସରପଞ୍ଚ ଓ ସମିତିସଭ୍ୟ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକର ୮ନମ୍ବର ଜୋନରେ ଆୟବା, ପୁରୁଷୋତ୍ତମପୁର, କଂସାର, ଓସ୍ତପୁର, କଳପଡା, ବଗଡା ଓ କପାଳେଶ୍ୱର ପ୍ରଭୃତି ୭ଟି ପଞ୍ଚାୟତ ରହିଛି। କେନ୍ଦ୍ରାପଡା ବ୍ଲକ ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ଘୋଷଣା ଅନୁଯାଇ ଆୟବା ପଞ୍ଚାୟତରେ ସରପଞ୍ଚ ଭାବେ କାଦମ୍ବୀନୀ ବିଶ୍ୱାଳ ବିଜୟୀ ହୋଇଥିବା ବେଳେ ପୁରୁଷୋତ୍ତମପୁର ପଞ୍ଚାୟତରେ ସରପଞ୍ଚ ଭାବେ ପୂର୍ଣ୍ଣୀମା ସେଠୀ ବିଜୟୀ ହୋଇଛନ୍ତି। ସେହିଭଳି କଂସାର ପଞ୍ଚାତରେ ସରପଞ୍ଚ ଭାବେ ସରୋଜିନୀ ନାୟକ ବିଜୟୀ ହୋଇଥିବା ବେଳେ ଓସ୍ତପୁର ପଞ୍ଚାୟତର ସରପଞ୍ଚ ଭାବେ ପ୍ରସନ୍ନ କୁମାର ରାଉତ ବିଜୟୀ ହୋଇଛନ୍ତି। ବଗଡା ପଞ୍ଚାୟତର ସରପଞ୍ଚ ଭାବେ ସୁବନୀ ସାହୁ ବିଜୟୀ ହୋଇଥିବା ବେଳେ କଳପଡା ପଞ୍ଚାୟତର ସରପଞ୍ଚ ଭାବେ ପ୍ରିତିରେଖା ସ୍ୱାଇଁ ବିଜୟୀ ହୋଇଛନ୍ତି। କପାଳେଶ୍ୱର ପଞ୍ଚାୟତର ସରପଞ୍ଚ ଭାବେ କଳ୍ପନା ମହାନ୍ତି ବିଜୟୀ ହୋଇଛନ୍ତି। ସେହିଭଳି ଆୟବା ପଞ୍ଚାୟତର ସମିତି ସଭ୍ୟା ଭାବେ ପୁଷ୍ପିତା ସାମଲ ବିଜୟୀ ହୋଇଥିବା ବେଳେ ପୁରୁଷୋତ୍ତମପୁର ପଞ୍ଚାୟତର ସମିତି ସଭ୍ୟା ଭାବେ ରଶ୍ମିତା ସେଠୀ, କଂସାର ପଞ୍ଚାୟତର ସମିତିସଭ୍ୟ ଭାବେ ସରୋଜ ରଞ୍ଜନ ଜେନା, ଓସ୍ତପୁର ପଞ୍ଚାୟତର ସମିତିସଭ୍ୟ ଭାବେ ରାଜ ଅମାନତ, ବଗଡା ପଞ୍ଚାୟତର ସମିତିସଭ୍ୟା ଭାବେ ସୌଦାମିନୀ ଦାସ, କଳପଡା ପଞ୍ଚାୟତର ସମିତିସଭ୍ୟ ଭାବେ ଶିବ ପ୍ରସାଦ ସାହାଣୀ ଓ କପାଳେଶ୍ୱର ପଞ୍ଚାୟତର ସମିତି ସଭ୍ୟ ଭାବେ ପ୍ରତାପ ନାରାୟଣ ମହାପାତ୍ର ବିଜୟୀ ହୋଇଛନ୍ତି।

# ପୋଲିସ କର୍ମଚାରୀଙ୍କୁ ଦିଆଯାଇଛି ବାସିଖାଦ୍ୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ପକ୍ଷରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଭୋଟବାକ୍ସ ରଖିବା ଓ ମତଗଣନା କରାଯିବାକୁ ବ୍ୟବସ୍ଥା କରାଯାଇଥିଲା। ସେହି ଅନୁଯାଇ ସେଠାରେ ପୋଲିସ ଫୋର୍ସ ଓ ପୋଲିସ ଅଧିକାରୀମାନେ ଦାୟିତ୍ୱ ନିର୍ବାହ କରି ଆସିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଦିଆଯାଇଥିବା ଖାଦ୍ୟ ନିମ୍ନମାନର ଓ ବାସିଖାଦ୍ୟ ବୋଲି ପୋଲିସ କର୍ମଚାରୀ ଓ ଅଧିକାରୀମାନେ ଅଭିଯୋଗ କରିଥିଲେ। ଜନୈକ ପୋଲିସ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଥିଲେ ଯେ ସରକାରୀ କର୍ମଚାରୀଙ୍କୁ ଦୈନିକ ଖାଇବା ବାବଦକୁ ସରକାର ୨୩୦ଟଙ୍କା ପ୍ରଦାନ କରିଥିବା ବେଳେ ସେମାନଙ୍କୁ ସେହି ଅନୁଯାୟୀ ଖାଦ୍ୟ ପ୍ରଦାନ କରାଯାଇନାହିଁ। ସକାଳ ୧୦ଟାରେ ନିମ୍ନମାନର ଉପମା, ମଧ୍ୟାହ୍ନରେ ଭାତ, ଡାଲମା ଓ ରାତିରେ ରୁଟି ଓ ଡାଲମା ଦିଆଯାଇଛି। ଯେଉଁ ଖାଦ୍ୟ ଦିଆଯାଇଛି ତାହା ମଧ୍ୟ ବାସୀ। ଏହା ଖାଇବା ଉପଯୋଗୀ ହୋଇନାହିଁ। ବାଧ ହୋଇ ଆମେ ଭୋକରେ ଡ୍ୟୁଟି କରିଛୁ। ଏପରିକି ଆମକୁ ପିଇବାକୁ ପାଣି ମଧ୍ୟ ଦିଆଯାଇନାହିଁ। ଏଥିନେଇ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଥିଲା।




# ଖାଇବା ତେଲ ଦର ବୃଦ୍ଧି ବିରୋଧରେ ସ୍ମାରକପତ୍ର



କେନ୍ଦ୍ରାପଡ଼ା,(ପି.ଏନ): ଋଷ-ୟୁକ୍ରେନ ଯୁଦ୍ଧକୁ ଆଳ କରି ବ୍ୟବସାୟୀମାନେ ଖାଇବା ତେଲ ଦରରେ ଅହେତୁକ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ଖଟିଖିଆ ଦିନମଜୁରିଆମାନେ ହଇରାଣ ହରକତ ହେଉଛନ୍ତି। କାରଣ ଖାଇବା ତେଲ ଲିଟର ପିଛା ୪୦ରୁ ୫୦ ଟଙ୍କା ବୃଦ୍ଧି ପାଇଛି। ପ୍ରଶାସନ ପଦକ୍ଷେପ ନେଲେ ଏହାକୁ ରୋକି ପାରିବ। ଏ ନେଇ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଓବିସି ସେଲ ପକ୍ଷରୁ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲଙ୍କୁ ପ୍ରଦାନ କରାଯାଇଛି। ସେହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ କେନ୍ଦ୍ରାପଡ଼ାରେ ଥିବା ବିଭିନ୍ନ ମଲ ଉପରେ ଚଢାଉ କରାଗଲେ ପ୍ରକୃତ କଥା ପଦାକୁ ଆସିପାରିବ। କାରଣ ମଲ ମାଲିକମାନେ ତେଲକୁ ଲୁଚାଇ ମହଜୁଦ କରି ରଖୁଛନ୍ତି। ଏହାଦ୍ୱାରା ବଜାରରେ ତେଲର କୃତ୍ରିମ ଅଭାବ ସୃଷ୍ଟି କରାଯାଇ ଚଢା ଦରରେ ତେଲ ବିକ୍ରି କରୁଛନ୍ତି। ଓବିସି ସେଲ ପକ୍ଷରୁ ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଓ ରାଜ୍ୟ କଂଗ୍ରେସ ଓବିସି ସେଲର ଉପାଧ୍ୟକ୍ଷ ଫକୀର ଚରଣ ଖଟୁଆ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରପତ୍ର ପ୍ରଦାନ କରିଥିଲେ।

# ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଭୁବନେଶ୍ୱର, (ପି.ଏନ): ତା.୦୯.୦୩.୨୦୨୨ରିଖ ଦିନ ସନ୍ଧ୍ୟା ୫ ଘଟିକା ସମୟରେ ୧୪ ନଂ ୱାର୍ଡର ରିକ୍ସା କଲୋନୀ, ନିଳାଦ୍ରୀ ବିହାର ସ୍ଥିତ କଳିଙ୍ଗ ଏଜୁକେସନାଲ୍ ଆଣ୍ଡ୍ ସୋସିଆଲ୍ ୱେଲ୍‌ଫେୟାର ଟ୍ରଷ୍ଟ ଆନୁକୁଲ୍ୟରେ ସମାଜସେବୀକା ମିନିରାଣୀ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡିଆ ସାପ୍ତାହିକ ସମ୍ବାଦ ପତ୍ର, ଉତ୍କଳ ପ୍ରହରୀ, ସମ୍ପାଦିକା ଶ୍ରୀମତୀ ସୁଜାତା ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମହିଳା ସମାଜସେବୀକା ଶ୍ରୀମତୀ ରଶ୍ମିତା ମହାଁ ସମ୍ମାନୀତ ଅତିଥି ଶ୍ରୀମତୀ ଇଲାସ୍ୱାଇଁ ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ହୁଳହୁଳି ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅନୁଷ୍ଠାନର କର୍ମକ[illegible] ଟୁନିରାଣୀ ଦାସ ଧନ୍ୟବାଦ ଦେଇଥିଲେ।

# କରୋନାରୁ ସୁସ୍ଥ ହେଲେ ୧୩୫ ଆକ୍ରାନ୍ତ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ କରୋନାରୁ ଆଜି ୧୩୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୭୬ ହଜାର ୨୮୫ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଗଜପତି ଓ ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୬ ଜଣ ଲେଖାଏଁ ଓ ଝାରସୁଗୁଡ଼ା ଜିଲ୍ଲାରୁ ୧୫ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି କଟକ, କେନ୍ଦ୍ରାପଡ଼ା,ଖୋର୍ଦ୍ଧା ଓ ମୟୂରଭଂଜରୁ ୮ ଜଣ ଲେଖାଏଁ, ସମ୍ବଲପୁରରୁ ୭, ବାଲେଶ୍ୱର ଓ ଯାଜପୁରରୁ ୬-୬, ଦେବଗଡ଼, ଗଂଜାମ, ନବରଂଗପୁରରୁ ୫ ଜଣ ଲେଖାଏଁ, ଅନୁଗୁଳରୁ ୪, ନୟାଗଡ଼ରୁ ୩, ବରଗଡ଼, କୋରାପୁଟ, କଳାହାଣ୍ଡି,

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର, ଏଲ୍- ସେପ୍ ଏଲଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓ୍ୱେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓ୍ୱେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓ୍ୱେରେବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଝକ୍ତଙ୍କଦ୍ଧ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ। ଇଣ୍ଡିଆନ ଟେରେନ୍ ଭଳି ଏକ ବଡ଼ ବ୍ରାଣ୍ଡ ପକ୍ଷରୁ ଶ୍ରେଷ୍ଠ ନିରନ୍ତରତାର ପ୍ରତିବଦ୍ଧତା ଋଷୀ ଗୋଷ୍ଠୀରେ ଭବିଷ୍ୟତ ବିକାଶ ପ୍ରକଳ୍ପ ଲାଗି ପଥ ପ୍ରଦର୍ଶକ ହେବ ଏବଂ ଏକ ଆଶାର କୀରଣ ଜାଗ୍ରତ କରିବ ଯେ ପରିବେଶ ଓ ସାମାଜିକ ଦାୟିତ୍ୱବାନ ଫେସନ୍ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରି ଏହି ମହାମାରୀରୁ ବାହରିବା ଲାଗି ଫେସନ୍ ଶିଳ୍ପ ନିଷ୍ପତି ନେଇପାରିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଝକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଝକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଉଁଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଝକ୍ଷସ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।




# ଚଳଚିତ୍ର ନାୟିକା ନମ୍ରତା ସିଂହଦେଓ ଚଳିତ ବର୍ଷର ଶ୍ରେଷ୍ଠ ଯୁବ ନାରୀ ପ୍ରତିଭା ଭାବେ ସମ୍ମାନିତ

ଖୋର୍ଦ୍ଧା (ପିଏନ୍): ବିଶ୍ୱ ମହିଳା ଦିବସ ଉପଲକ୍ଷେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରେରଣା ଆଚିଭର ଫାଉଣ୍ଡେସନ ପକ୍ଷରୁ ସମାଜର ବିଭିନ୍ନ ବର୍ଗର ନାରୀ ପ୍ରତିଭାମାନଙ୍କୁ ଗୀତଗୋବିନ୍ଦ ସଦନ ପରିସରରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆଚିଭର ନ୍ୟୁଜର ସ୍ୱନକ୍ଷତ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ କହିଲେ ଯେ, ସମାଜର ବିକାଶ ପାଇଁ ନାରୀମାନଙ୍କର ଭୂମିକା ଅତୁଳନୀୟ। ସେମାନଙ୍କ ଭିତରେ ଥିବା ପ୍ରତିଭାକୁ ସମାଜର ବିକାଶ ପ୍ରତି ବିନିଯୋଗ କରି ପାରିଲେ ଏକ ଉନ୍ନତ ରାଜ୍ୟ ଦେଶ ଗଠନ ହୋଇପାରିବ। ପୁରାଣ ଇତିହାସରେ ଏହାର ବହୁ ଜ୍ୱଳନ୍ତ ଉଦାହରଣ ରହିଛି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମାନବାଧିକାର କମିଶନର ସଦସ୍ୟ ଅସିମ ଅମିତାଭ ଦାସ, ରାଜ୍ୟ ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ ସଂଜୟ ଦାସବର୍ମା, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଆଇନଜୀବି ଗୋପାଳକୃଷ୍ଣ ମହାନ୍ତି, ପ୍ରଫେସର ମେଜର କଳ୍ପନା ଦାସ, ଦୂରଦର୍ଶନର ନିର୍ଦ୍ଦେଶିକା ଦିପ୍ତୀ ମିଶ୍ର, ଆଇନଜୀବି ବିଷ୍ଣୁ ପ୍ରସାଦ ପାତ୍ର, ଓଡ଼ିଶା ବୀର ମହାସଂଘର ସଭାପତି ଡ଼କ୍ଟର ପ୍ରକାଶ ଶ୍ରୀଚନ୍ଦନ, ଆଚିଭର ଫାଉଣ୍ଡେସନର ନିର୍ଦ୍ଦେଶିକା ଅରୁନ୍ଧତି ସୁନ୍ଦରାୟ, ଭାରତୀୟ ଫିଜିଆଟାରୀ ସୋସାଇଟିର ଅତିରିକ୍ତ ସାଧାରଣ ସମ୍ପାଦକ ଡ଼କ୍ଟର ଶୁଭେନ୍ଦୁ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇ ଏକ ବିକାଶଶୀଳ ସମାଜରେ ନାରୀମାନେ ଯୁଗେ ଯୁଗେ ପ୍ରମୁଖ ଭୂମିକା ତୁଲାଇ ଆସିଛନ୍ତି ବୋଲି କହିଥିଲେ। ଉତ୍ସବର ପ୍ରାରମ୍ଭରେ ପ୍ରେରଣା ଗ୍ରୀନ ଆର୍ମିର ଅଧ୍ୟକ୍ଷ ଡ଼କ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରି କହିଲେ ଓଡ଼ିଶାରେ ଅତୀତରୁ ବର୍ତମାନ ପର୍ଯ୍ୟନ୍ତ ନାରୀ ପ୍ରତିଭାମାନେ ସେମାନଙ୍କର ଦକ୍ଷତା ଦେଶ ବିଦେଶରେ ପ୍ରଦର୍ଶନ କରି ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି। ସେହି ମହିୟସୀ ପ୍ରତିଭାମାନଙ୍କୁ ସମ୍ମାନିତ କରିବା ସହିତ ଆଗାମୀ ଦିନରେ ସମାଜର ସାମଗ୍ରିକ ବିକାଶରେ ସାମିଲ କରିବା ଆମ୍ଭର ଏହି ଉତ୍ସବର ମୁଖ୍ୟ ଆଭିମୁଖ୍ୟ ଏଥିରେ ଆଚିଭର ଫାଉଣ୍ଡେସନ ଓ ଆଚିଭର ନ୍ୟୁଜର ପ୍ରତିଷ୍ଠାତା ଅଶୋକ କୁମାର ସୁନ୍ଦରାୟ ବକ୍ତବ୍ୟ ପ୍ରଦାନ କରି ନାରୀମାନଙ୍କୁ ଉନ୍ନତି ପଥରେ ଆଗେଇ ନେବା ପାଇଁ ଆମ ଅନୁଷ୍ଠାନ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଏହି ଅବସରରେ ଡ଼ଃ ସୁଷମା ମିଶ୍ରଙ୍କୁ କୁନ୍ତଳା କୁମାରୀ ସାହିତ୍ୟ ସମ୍ମାନ, ସରିତା ପଟେଲଙ୍କୁ ରମାଦେବୀ, ପ୍ରଫେସର ସରୋଜ ଲକ୍ଷ୍ମୀ ପଟ୍ଟନାୟକଙ୍କୁ ମାଳତୀ ଚୌଧୁରୀ ସେବା ସମ୍ମାନ, ବିନି ସାମଲଙ୍କୁ ପାର୍ବତୀ ଘୋଷ, ସ୍ମାରକୀ ସିନେ ସମ୍ମାନ ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁଙ୍କୁ ନନ୍ଦିନୀ ଶତପଥୀ ସେବା ସମ୍ମାନ, ଡ଼କ୍ଟର ସ୍ୱାଧୀନାଙ୍କୁ ଓଡ଼ିଶାର ଶ୍ରେଷ୍ଠ ନାରୀ ପ୍ରତିଭା ସମ୍ମାନ, ସୁସ୍ମିତା ଦାସଙ୍କୁ କଣ୍ଠଶିଳ୍ପୀ ସମ୍ମାନ, ନର୍ମତା ସିଂହଦେଓଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ସିନେ ଅଭିନେତ୍ରୀ ସମ୍ମାନ, ମାନସୀ ପାଲଙ୍କୁ ଶ୍ରେଷ୍ଠ ଧାରାବାହିକ ସମ୍ମାନ, ନିଲ୍ ପଣ୍ଡାଙ୍କୁ ଶ୍ରେଷ୍ଠ ଅଭିନେତା ସମ୍ମାନ, ମିନତୀ ସିଂ, ମୌସୁମୀ ମହାନ୍ତି ଓ ଦୈନିକ ସକାଳ ଖବର କାଗଜର ସହ-ସମ୍ପାଦକ ଅନୁରାଧା ବାରିକଙ୍କୁ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ, ରୋଜାଲିନ୍ ଗୁନୁଗୁନୁ, ଶୀବାନୀ ମୁଦ୍ରା, ଗାୟତ୍ରୀ ମହାନ୍ତିଙ୍କୁ ଶ୍ରେଷ୍ଠ ଉପସ୍ଥାପିକା ସମ୍ମାନ, ମିସ୍ ଟିମ୍ ଇଣ୍ଡିଆ ମିଲନ କୁମାରୀ ପଣ୍ଡାଙ୍କୁ ଶ୍ରେଷ୍ଠ ନାରୀ ପ୍ରତିଭା, ଅମ୍ବିକା ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଯୁବ ପ୍ରତିଭା, ରୋଚ୍ଛନା ମହାପାତ୍ରଙ୍କୁ ଶ୍ରେଷ୍ଠ ମେଧାବୀ, ଛାତ୍ରୀ ସମ୍ମାନ ପ୍ରଦାନ କରାଯିବା ସହିତ ବହୁ ସମାଜସେବୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ୬ନମ୍ବର ଜୋନର ୬ଟି ପଞ୍ଚାୟତରେ ବିଜୟୀ ସରପଞ୍ଚ ଓ ସମିତିସଭ୍ୟ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକର ୬ନମ୍ବର ଜୋନରେ ଶ୍ୟାମସୁନ୍ଦରପୁର, ଭରତପୁର, ଚକ୍ରୋଡା, ଭାଗବତପୁର, ଜମଧର ଓ ଗୁଲନଗର ପ୍ରଭୃତି ୬ଟି ପଞ୍ଚାୟତ ରହିଛି। କେନ୍ଦ୍ରାପଡା ବ୍ଲକ ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ଘୋଷଣା ଅନୁଯାଇ ଶ୍ୟାମସୁନ୍ଦର ପଞ୍ଚାୟତରେ ସରପଞ୍ଚ ଭାବେ ଅଙ୍କୁର ସେଠୀ ବିଜୟୀ ହୋଇଥିବା ବେଳେ ଭରତପୁର ପଞ୍ଚାୟତରେ ସରପଞ୍ଚ ଭାବେ ନିଳାମ୍ବର ମଲିକ ବିଜୟୀ ହୋଇଛନ୍ତି। ସେହିଭଳି ଭାଗବତପୁର ପଞ୍ଚାତରେ ସରପଞ୍ଚ ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ବିଜୟୀ ହୋଇଥିବା ବେଳେ ଚକ୍ରୋଡା ପଞ୍ଚାୟତର ସରପଞ୍ଚ ଭାବେ ତନୁଜା ନାୟକ ବିଜୟୀ ହୋଇଛନ୍ତି। ଜମଧର ପଞ୍ଚାୟତର ସରପଞ୍ଚ ଭାବେ ରାଜକିଶୋର ଖୁଣ୍ଟିଆ ବିଜୟୀ ହୋଇଥରବା ବେଳେ ଗୁଲନଗର ପଞ୍ଚାୟତର ସରପଞ୍ଚ ଭାବେ ସନ୍ଧ୍ୟାରାଣୀ ସାହୁ ବିଜୟୀ ହୋଇଛନ୍ତି। ସେହିଭଳି ଶ୍ୟାମସୁନ୍ଦରପୁର ପଞ୍ଚାୟତର ସମିତି ସଭ୍ୟ ଭାବେ ଉର୍ମିଳା ସେଠୀ ବିଜୟୀ ହୋଇଥିବା ବେଳେ ଭରତପୁର ପଞ୍ଚାୟତର ସମିତି ସଭ୍ୟ ଭାବେ ପ୍ରଣତି ବେହେରା, ଚକ୍ରୋଡା ପଞ୍ଚାୟତର ସମିତିସଭ୍ୟ ଭାବେ ଝୁନି ପ୍ରଭା ରାଉତ, ଭାଗବତପୁର ପଞ୍ଚାୟତର ସମିତିସଭ୍ୟ ଭାବେ ପ୍ରମିଳା ମିଶ୍ର, ଜମଧର ପଞ୍ଚାୟତର ସମିତିସଭ୍ୟ ଭାବେ ଦେବାଶିଷ ଦାସ ଓ ଗୁଲନଗର ପଞ୍ଚାୟତର ସମିତିସଭ୍ୟ ଭାବେ ଚିନ୍ମୟୀ ସାହୁ ବିଜୟୀ ହୋଇଛନ୍ତି।

# ଓଡ଼ିଶା ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ସଂଘର ବୈଠକ ଓ ପଂଚାୟତିରାଜ ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ପଂଚାୟତିରାଜ ଦିବସ ଅବସରରେ ଓଡିଶା ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ସଂଘର ଏକ ବୈଠକ ବରମୁଣ୍ଡା ସ୍ଥିତ ମା କାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘର କାର୍ଯ୍ୟକାରୀ ସଭାପତି ହୃଷିକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକ ପ୍ରାରମ୍ଭରେ ଓଡିଶାର ବରପୁତ୍ର ସ୍ୱର୍ଗତଃ ବିଜୁବାବୁଙ୍କ ତୈଳ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହିତ କୋଭିଡ ୧୯ରେ ପ୍ରାଣ ହରାଇଥିବା ଗ୍ରନ୍ଥାଗାରିକ ବଂଧୁମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ଓଡିଶା ମାଟିର ଗର୍ବ ଓ ଗୌରବ ତଥା ଅନନ୍ୟ ପ୍ରତିଭା ବିଜୁବାବୁଙ୍କର ଆତ୍ମଜୀବନୀ ଉପରେ ଆଲୋକପାତ କରାଯାଇ ସଂଘର ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ସରକାରଙ୍କ ଦ୍ୱାରା ଘୋଷିତ ସପ୍ତମ ବେତନ କମିଶନ ପ୍ରଦାନ କ୍ଷେତ୍ରରେ ୨.୫୭ ହାରରେ ଦରମା, ଗ୍ରେଡ୍ ପେ ସଂଶୋଧନ ଓ ଶିକ୍ଷକ ପଦ ପଦମର୍ଯ୍ୟାଦା ଆଦି ଗ୍ରନ୍ଥାଗାରିକଙ୍କ ପ୍ରତି ଲାଗୁକରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯିବାକୁ ସ୍ଥିର କରାଯାଇଥିଲା । ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲା ଗ୍ରନ୍ଥାଗାରିକ ମାନେ ଯୋଗଦେଇ ଗ୍ରନ୍ଥାଗାରର ବିକାଶ ଉପରେ ସରକାର ଗୁରୁତ୍ୱ ଦେବାକୁ ଦାବୀ କରିଥିଲେ । ଏହି ବୈଠକକୁ ରାଜ୍ୟ ସଂପାଦକ ପ୍ରଦୀପ ସାହୁ ପରିଚାଳନା କରିଥିବା ବେଳେ ବିଭିନ୍ନ ଜିଲ୍ଲା ଗ୍ରନ୍ଥାଗାରିକଙ୍କ ମଧ୍ୟରେ ଗରିବ ସଲମା, କୃଷ୍ଣଚନ୍ଦ୍ର ପ୍ରଧାନ, ଦିନବଂଧୁ ପରିଡା, ଦେବେନ୍ଦ୍ର ମହାନ୍ତି, ଡ. ମହେନ୍ଦ୍ର ବିଶ୍ୱାଳ, ଶିବପ୍ରସାଦ ସାହୁ, ସୁଶାନ୍ତ କୁମାର ରାଉତ, ବିଜୟ ଧଳ, ସୁସ୍ମିତା ନାୟକ, ଅର୍ଜୁନ ଖଟୁଆ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ଜୟନ୍ତି ଓ ପଂଚାୟତିରାଜ ଦିବସ ଉପରେ ବକ୍ତବ୍ୟ ରଖିଥିଲେ । ଶେଷରେ ସଂଘର ଆବାହକ ଅର୍ଜୁନ ଜେନାଙ୍କ ଉଦ୍ୟମକୁ ଗ୍ରନ୍ଥାଗାରିକମାନଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା ଓ ରତିକାନ୍ତ ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୂମିହୀନଙ୍କ ପାଇଁ ଜମି ଚିହ୍ନଟ କରାଯିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୧ନମ୍ବର ୱାର୍ଡର ଶ୍ୟାମଗୁଡିଆ ଗ୍ରାମର ବାସୀନ୍ଦାମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭୂମିହୀନଙ୍କୁ ଯୋଗାଇ ଦିଆଯାଇଥିବା ପଟ୍ଟା ଅନୁଯାୟୀ ଜମି ଚିହ୍ନଟ କରାଯିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସେମାନଙ୍କୁ ୫ବର୍ଷ ତଳେ ଭୂମିହୀନ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଗୃହ ନିର୍ମାଣ ପାଇଁ ସହରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମଧ୍ୟ ପ୍ରଦାନ କରାଯାଇଛି। କିନ୍ତୁ ସେମାନଙ୍କୁ ଯୋଗାଇ ଦିଆଯାଇଥିବା ଜମିର ପଟ୍ଟା ଅନୁଯାୟୀ ସଂପୃକ୍ତ ଜମିକୁ ଚିହ୍ନଟ କରାଯାଉନାହିଁ। ସେମାନେ ଏକାଧିକ ଥର ପୌରସଂସ୍ଥା କାର୍ଯ୍ୟାଳୟ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ ସେମାନଙ୍କ ଜମିକୁ ଚିହ୍ନଟ କରାଗଲା ନାହିଁ। ଅପରପକ୍ଷରେ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ପାଇଁ ସେମାନେ ରହୁଥିବା ଘରକୁ ଭାଙ୍ଗିବାକୁ ଯାଉଥିବା ବେଳେ ସେମାନେ ପିଲାଛୁଆକୁ ନେଇ କୋଉଠି ମୁଣ୍ଡ ଗୁଞ୍ଜିବେ ବୋଲି ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଶ୍ୟାମସୁନ୍ଦର ମହାରଣା, ଶାନ୍ତିଲତା ବେହେରା, କାହ୍ନୁଚରଣ ବେହେରା, ଗୀତାଞ୍ଜଳି ପାତ୍ର, ରେବତୀ ଦାସ, ପ୍ରମିଳା ଦାସ, ସବିତା ଦାସ, ମିନତୀ ବେହେରା, ସରସ୍ୱତୀ ସେଠୀ, ଅଜୟ ମହାନ୍ତି, ନଳିନୀ ପାତ୍ର, ମଞ୍ଜୁଲତା ପରିଡା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ଖୋଲିଲା ରେମୁଣା ଏନଏସି କାର୍ଯ୍ୟାଳୟ

ବାଲେଶ୍ୱର (ପିଏନ୍)-ନିକଟରେ ଗଠିତ ରେମୁଣା ଅଧିସୂଚିତ କ୍ଷେତ୍ର ପରିଷଦ (ଏନଏସି)ର କାର୍ଯ୍ୟାଳୟ ରେମୁଣା ଗଣେଶ୍ୱରପୁରଠାରେ ଖୋଲିଛି । ପୂର୍ବରୁ ଗଣେଶ୍ୱରପୁର ଗ୍ରାମପଂଚାୟତ କାର୍ଯ୍ୟାଳୟ ଯେଉଁ ଅଫିସ୍ ଗୃହରେ ଚାଲିଥିଲା ସେହିଠାରେ ହିଁ ଏହି ନୂତନ ଏନଏସି କାର୍ଯ୍ୟାଳୟ ଖୋଲାଯାଇଛି । ନବଗଠିତ ରେମୁଣା ଅଧିସୂଚିତ କ୍ଷେତ୍ର ପରିଷଦକୁ ମୋଟ ୧୩ଟି ୱାର୍ଡରେ ବିଭକ୍ତ କରାଯାଇଥିବା ବେଳେ ରେମୁଣା ଏନଏସି ସମ୍ବନ୍ଧିତ ସମସ୍ତ କାର୍ଯ୍ୟ ଏହି ଅଫିସରେ ହେବ । ଆସନ୍ତା ପୌର ନିର୍ବାଚନରେ ରେମୁଣା ଏନଏସିରେ ପ୍ରଥମ ଥର ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ନିର୍ବାଚନ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟ ମଧ୍ୟ ଏହି ଅଫିସ୍‌ରେ କରାଯିବ । ରେମୁଣାରେ ଖୋଲାଯାଇଥିବା ଏହି ନୂତନ କାର୍ଯ୍ୟାଳୟ ଦ୍ୱାରା ଅଧିସୂଚିତ କ୍ଷେତ୍ର ପରିଷଦ ଅଂଚଳର ଜନସାଧାରଣ ବେଶ୍ ଉପକୃତ ହେବାସହିତ ସହଜରେ ବିଭିନ୍ନ ସରକାରୀ ସେବା ଓ ସୁବିଧା ପାଇପାରିବେ ବୋଲି ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀ ଆଶାପ୍ରକଟ କରିଛନ୍ତି ।

## ୬ନମ୍ବର ଜିଲ୍ଲା ପରିଷଦ ଜୋନରେ ବିଜେଡି ପ୍ରାର୍ଥିନୀ ନିର୍ମଳା ବିଜୟୀ

କେନ୍ଦ୍ରାପଡ଼ା (ପିଏନ୍): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଫଳାଫଳ ପ୍ରକାଶ ପାଇସାରିଛି। ସେହି ଅନୁଯାୟୀ କେନ୍ଦ୍ରାପଡା ବ୍ଲକ ୬ନମ୍ବର ଜୋନର ବିଜୁ ଜନତା ଦଳର ଜିଲ୍ଲା ପରିଷଦ ସଭ୍ୟ ପ୍ରାର୍ଥିନୀ ନିର୍ମଳା ମହାନ୍ତି ବିଜୟୀ ହୋଇଛନ୍ତି। ନିର୍ମଳା ମୋଟ ୧୪ହଜାର ୦୫୯ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ରଶ୍ମିତା ପଣ୍ଡାଙ୍କୁ ୫ହଜାର ୨୮୬ ଭୋଟ ମିଳିଛି। ନିର୍ମଳା ୮ ହଜାର ୭୭୩ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହି ଜୋନରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥିନୀ ରଶ୍ମିତା ପଣ୍ଡା ୪ ହଜାର ୫୦୮ ଭୋଟ ପାଇ ତୃତୀୟ ସ୍ଥାନରେ ଅଛନ୍ତି। ଏହି ଜୋନଟିରେ ପୂର୍ବ ନିର୍ବାଚନରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଥିଲେ। ଚଳିତ ଥର ବିଜେଡି ସେହି ଜୋନଟିକୁ ବିଜେପି ହାତରୁ ଛଡାଇ ନେଇଛି।

# କୋଣାର୍କ ପୌର ନିର୍ବାଚନ: ଯାଂଚ ପରେ ସମସ୍ତ ନାମାଙ୍କନପତ୍ର କାଏମ



କୋଣାର୍କ (ପିଏନ୍)-କୋଣାର୍କ ଏନଏସି ପୌର ନିର୍ବାଚନ ନିମନ୍ତେ ୧୦ଜଣ ଅଧକ୍ଷ ପଦବୀ ଓ ୫୨ଜଣ କାଉନସିଲର ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ । ବୁଧବାର (୦୯ତାରିଖ) ପ୍ରାର୍ଥୀପତ୍ର ଯାଞ୍ଚପରେ ସମସ୍ତ ଆବେଦନକାରୀଙ୍କ ନାମାଙ୍କନ ପତ୍ର କାଏମ ରହିଥିବା ନିର୍ବାଚନ ଅଧିକାରୀ ଏସ.କେ ସଗୀର ସୂଚନା ଦେଇଛନ୍ତି । ଚଳିତ ପୌର ନିର୍ବାଚନରେ କୋଣାର୍କ ଏନଏସିଟି ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ବିଜେଡି, ବିଜେପି, କଂଗ୍ରେସ, ବହୁଜନ ସାମଜ ପାଟି ସମେତ ୬ଜଣ ସ୍ୱାଧିନ ପ୍ରାର୍ଥୀ ମୋଟ ୧୦ଜଣ ରଣାଙ୍ଗନରେ ଅବତ୍ତିର୍ଣ୍ଣ ହୋଇଛନ୍ତି । କୋଣାର୍କ ଏନଏସିର ୧୩ଟି ୱାର୍ଡ଼ ପାଇଁ ବିଜେଡି ପକ୍ଷରୁ ୧୨ଟି, କଂଗ୍ରେସ ପକ୍ଷରୁ ୧୩ଟି, ବିଜେପି ପକ୍ଷରୁ ୧୧ଟି, ବହୁଜନ ସମାଜ ପାର୍ଟ ପକ୍ଷରୁ ୬ଟି ଓ ସିପିଆଇ ପକ୍ଷରୁ ୨ଟି ୱାର୍ଡ଼ରେ ପ୍ରାର୍ଥୀ ଦିଆଯାଇଥିବା ବେଳେ ବିଭିନ୍ନ ୱାର୍ଡ଼ରେ ୧୦ଜଣ ସ୍ୱାଧୀନ ପ୍ରାର୍ଥୀ ମୋଟ ୫୨ଜଣ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । କଂଗ୍ରେସ ପକ୍ଷରୁ ସମସ୍ତ ୱାର୍ଡ଼ରେ ପ୍ରାର୍ଥୀ ଦିଆଯାଇଥିବା ବେଳେ ବିଜେପି ୧ ଓ ୨ ୱାର୍ଡରେ କୌଣସି ପ୍ରାର୍ଥୀ ଦେଇ ନଥବା ବେଳେ ବିଜେଡି ପକ୍ଷରୁ ୧ ୱାର୍ଡରେ କୌଣସି ପ୍ରାର୍ଥ ଦିଆଯାଇନାହିଁ । ସିପିଆଇ ପକ୍ଷରୁ ୱାର୍ଡ଼ ୨ ଓ ୧୩ରେ, ବହୁଜନ ସମାଜ ପାର୍ଟି ପକ୍ଷରୁ ୩, ୬, ୧୦, ୧୧, ୧୨ ନମ୍ବର ୱାର୍ଡ଼ରେ ପ୍ରାର୍ଥୀ ଦିଆଯାଇଛି । ପ୍ରାପ୍ତ ସୂଚନାନୁଯାୟୀ ଅଧକ୍ଷା ପଦବୀ ପାଇଁ ବିଜେଡିରୁ ସଂଯୁକ୍ତା ତ୍ରିପାଠୀ, ବିଜେପିରୁ ଚନ୍ଦ୍ରିକା ରାଉତରାୟ, କଂଗ୍ରେସରୁ ସୂପାଲିନ ସ୍ୱାଇଁ, ବିଏସପିରୁ କବିତା ଓଝା ଏବଂ ସ୍ୱାଧିନ ପ୍ରାର୍ଥୀଭାବେ ଟୁନିଲତା ନାୟକ, ସରିତା ଧଳ, ସାଗରିକା ସ୍ୱାଇଁ, ଆଶାଲତା ରାଉତରାୟ, ଲିପ୍ସା ବେହେରା, ରଞ୍ଜୁଲତା ଭୋଳ ରହିଛନ୍ତି । ସେହିପରି କୋଣାର୍କ ଏନଏସିର ୧୩ଟି ୱାର୍ଡ ପାଇଁ କଂଗ୍ରେସ ପକ୍ଷରୁ ୱାର୍ଡ ନମ୍ବର ୧ରେ ମମତା ଦାସ, ୱାର୍ଡ ନମ୍ବର ୨ରେ ଲିଜାରାଣୀ ସାହୁ, ୱାର୍ଡ ନମ୍ବର ୩ରେ ବୁଧନାଥ କାଣ୍ଡି, ୱାର୍ଡ ନମ୍ବର ୪ରେ ଅଭିନାଶ ଖଟୋଇ, ୱାର୍ଡ ନମ୍ବର ୫ରେ ନିହାରରଞ୍ଜନ ବେଉରା, ୱାର୍ଡ ନମ୍ବର ୬ରେ ଉପନ କାଣ୍ଡି, ୱାର୍ଡ ନମ୍ବର ୭ରେ କୃଷ୍ଣପ୍ରିୟା ନାୟକ, ୱାର୍ଡ ନମ୍ବର ୮ରେ ପ୍ରତାପ କାଣ୍ଡି, ୱାର୍ଡ ନମ୍ବର ୯ରେ ପ୍ରମୋଦ କୁମାର ଗୋଛାୟତ, ୱାର୍ଡ ନମ୍ବର ୧୦ରେ ସ୍ୱର୍ଣ୍ଣଲତା ବେହେରା, ୱାର୍ଡ ନମ୍ବର ୧୧ରେ କୁନିଲତା ବେହେରା, ୱାର୍ଡ ନମ୍ବର ୧୨ରେ ବାସନ୍ତୀ ବେହେରା, ୱାର୍ଡ ନମ୍ବର ୧୩ରେ ମମତା କାଣ୍ଡି, ବିଜେପି ପକ୍ଷରୁ ୱାର୍ଡ ନମ୍ବର ୧ରେ କେହି ନାହାଁନ୍ତି, ୱାର୍ଡ ନମ୍ବର ୨ରେ ଜୁଲି କାଣ୍ଡି, ୱାର୍ଡ ନମ୍ବର ୩ରେ ଶ୍ୟାମ ସୁନ୍ଦର ତ୍ରିପାଠୀ, ୱାର୍ଡ ନମ୍ବର ୪ରେ ଜସ୍ମିତା ନାୟକ, ୱାର୍ଡ ନମ୍ବର ୫ରେ ସୁମନ୍ତ ମଲ୍ଲ, ୱାର୍ଡ ନମ୍ବର ୬ରେ ସୁକାନ୍ତି ନାୟକ, ୱାର୍ଡ ନମ୍ବର ୭ରେ ନିବେଦିତା ପଣ୍ଡା, ୱାର୍ଡ ନମ୍ବର ୮ରେ ଦିଲ୍ଲୀପ କୁମାର ଦାଶ, ୱାର୍ଡ ନମ୍ବର ୯ରେ ସୌମ୍ୟ ସୌରମ ଦାସ, ୱାର୍ଡ ନମ୍ବର ୧୦ରେ ରଶ୍ମିତା ଗୋଛାୟତ, ୱାର୍ଡ ନମ୍ବର ୧୧ରେ ତନ୍ମୟୀ ବଡପଣ୍ଡା, ୱାର୍ଡ ନମ୍ବର ୧୨ରେ ସୁଚିତ୍ରା ବେହେରା ୱାର୍ଡ ନମ୍ବର ୧୩ରେ କେହି ନାହାଁନ୍ତି । ବିଜେଡି ପକ୍ଷରୁ ୱାର୍ଡ ନମ୍ବର ୧ରେ କେହି ନାହାଁନ୍ତି, ୱାର୍ଡ ନମ୍ବର ୨ରେ ସବିତା ସାହୁ, ୱାର୍ଡ ନମ୍ବର ୩ରେ ସୌମ୍ୟରଞ୍ଜନ ସାହୁ, ୱାର୍ଡ ନମ୍ବର ୪ରେ ସୁରେଶ ଚନ୍ଦ୍ର ରାଉତରାୟ, ୱାର୍ଡ ନମ୍ବର ୫ରେ ବିମ୍ବାଧର ବେଉରା, ୱାର୍ଡ ନମ୍ବର ୬ରେ ବିଶ୍ୱମ୍ବର ବିଶ୍ୱାଳ, ୱାର୍ଡ ନମ୍ବର ୭ରେ କୃଷ୍ଣପ୍ରିୟା ନାୟକ, ୱାର୍ଡ ନମ୍ବର ୮ରେ ପ୍ରତାପ ଗୋଛାୟତ, ୱାର୍ଡ ନମ୍ବର ୯ରେ କପିଳ ନାୟକ, ୱାର୍ଡ ନମ୍ବର ୧୦ରେ ସ୍ୱପ୍ନା ଗୋଛାୟତ, ୱାର୍ଡ ନମ୍ବର ୧୧ରେ ସ୍ୱର୍ଣ୍ଣଲତା ଦାସ, ୱାର୍ଡ ନମ୍ବର ୧୨ରେ ସୌଦାମିନୀ ମଲ୍ଲିକ, ୱାର୍ଡ ନମ୍ବର ୧୩ରେ ସୁଭସ୍ମିତା ପାତ୍ର, ବିଏସପି ପକ୍ଷରୁ ୱାର୍ଡ ନମ୍ବର ୩ରେ ପ୍ରଦୀପ କୁମାର ଚାନ୍ଦ, ୱାର୍ଡ ନମ୍ବର ୬ରେ ଦିଲ୍ଲୀପ କାଣ୍ଡି, ୱାର୍ଡ ନମ୍ବର ୧୦ରେ ଜୁଲୀ ଗୋଛାୟତ, ୱାର୍ଡ ନମ୍ବର ୧୧ରେ ଚନ୍ଦ୍ରକାନ୍ତ ଛାଟୋଇ, ୱାର୍ଡ ନମ୍ବର ୧୨ରେ ଅନିତା ସେଠୀ ରହିଥିବା ବେଳେ ସ୍ୱାଧିନ ପ୍ରାର୍ଥଭାବେ ୨ନମ୍ବର ୱାର୍ଡରୁ ରତିକାନ୍ତ ବିଶ୍ୱା, ୪ନମ୍ବର ୱାର୍ଡରୁ ଜସ୍ମିତା ନାୟକ, ସୁରେଶ ଚନ୍ଦ୍ର ରାଉତରାୟ, ନୃସିଂହ ଚରଣ ନାୟକ, ୭ନମ୍ବର ୱାର୍ଡରୁ ସୋନାଲି ବେହେରା, ୯ନମ୍ବର ୱାର୍ଡରୁ ବିଚିତ୍ର କୁମାର ଓଝା, ଟି ରାନୁ ରାଓ, କୌଳାସ ଚନ୍ଦ୍ର ବେଉରା, ସରତ କୁମାର ସାହୁ, ସତ୍ୟବ୍ରତ ପଣ୍ଡାଙ୍କ ପ୍ରାର୍ଥୀପତ୍ର କାୟମ ରହିଛି ।

## ଶ୍ରୀନଗର ବିମାନ ବନ୍ଦର ବିଜୁବାବୁଙ୍କ ନାମରେ ନାମିତ ହେଉ !



ଭୁବନେଶ୍ୱର (ପିଏନ୍): ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ଅବସରରେ ବିଜୁ ପଟ୍ଟନାୟକ ପାର୍କରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ବିଜୁବାବୁଙ୍କ ନାମରେ ଶ୍ରୀନଗର ବିମାନ ବନ୍ଦରର ନାମକରଣ କରିବା ପାଇଁ ଦାବି କରିଥିଲେ । ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ବିଜୁବାବୁଙ୍କ ବିଷୟରେ କହିବାକୁ ଯାଇ ସ୍ୱାଧୀନତା ପରେ ପରେ ପାକିସ୍ଥାନ ଜାମ୍ମୁ-କାଶ୍ମୀର ଦଖଲ କରିବା ପାଇଁ ଆକ୍ରମଣ କରିବା ସମୟରେ ବିଜୁବାବୁ କିପରି ସାହସର ସହିତ ଶ୍ରୀନଗର ବିମାନ ବନ୍ଦରରେ ନିଜର ବିମାନ ଅବତରଣ କରାଇ ଭାରତୀୟ ସୈନିକମାନଙ୍କୁ ସହାୟତା କରିଥିଲେ, ତାହା ବର୍ଣ୍ଣନା କରିଥିଲେ । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ଶରତ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ଜେଠୀ, ରୁଷୀ ପଟ୍ଟନାୟକ, ସମରଂଜନ ମହାନ୍ତି, ଜିତେନ୍ଦ୍ର କୁମାର ନନ୍ଦ, ସଂଜୟ ସ୍ୱାଇଁ ଓ ପ୍ରକାଶ ସାମଲ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ ।

## ଧର୍ମଶାଳା ବିଜେଡିର ବାଜିମାତ୍, ପୋଛି ନେଲା ୫କୁ ୫ ଜିଲ୍ଲାପରିଷଦ ଆସନ

ଧର୍ମଶାଳା (ପିଏନ୍): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଶେଷ ଦିନର ଭୋଟ ଗଣତି ହୋଇସାରିଛି । ଏହି କ୍ରମରେ ଧର୍ମଶାଳା ବ୍ଲକରେ ତୃତୀୟ ଦିନ ଗଣତି ସୁଦ୍ଧା ବିଜେଡି ସମସ୍ତ ୫ଟି ଜିଲ୍ଲା ପରିଷଦ ହାତେଇ ନେଇଛି । ପ୍ରଥମ ଦିନ ଗଣତିରେ ୧୧ ନମ୍ବର ଜୋନର ବିଜେଡି ଜିଲ୍ଲାପରିଷଦ ସଭ୍ୟ ଭାବେ ସୁଧାଂଶୁ ଭୁଷଣ ସାହୁ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ୧୨ ନମ୍ବର ଜୋନର ବିଜେଡିର ଜିଲ୍ଲାପରିଷଦ ଭାବେ ପ୍ରଣତି ଲେଙ୍କା ଓ ୧୩ ନମ୍ବର ଜୋନର ବିଜେଡି ପ୍ରାର୍ଥୀ ସ୍ମୃତିରେଖା ବେହେରା ବିଜୟୀ ହୋଇଛନ୍ତି । ଶେଷ ଦିନ ଗଣତିରେ ବ୍ଲକର ୧୪ ନମ୍ବର ଜୋନରେ ବିଜେଡିର ଜିଲ୍ଲା ପରିଷଦ ଭାବେ ଜଳଧର ମାହାନ୍ତି ଓ ୧୫ନମ୍ବର ଜୋନରେ ବିଜେଡି ଜିଲ୍ଲା ପରିଷଦ ଭାବେ ଭାଗ୍ୟଧର ସେଠୀ ବିଜୟୀ ହୋଇଛନ୍ତି । ୨୦୧୭ ପଂଚାୟତ ନିର୍ବାଚନରେ ଏହି ବ୍ଲକରେ ୫ ଗୋଟି ଜୋନରେ ବିଜେଡି ଜିଲ୍ଲାପରିଷଦ ପ୍ରାର୍ଥୀ ବିପୁଳ ଭୋଟରେ ବିଜୟୀ ହୋଇଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜିଲ୍ଲାସ୍ତରୀୟ ଅଂଶୁଘାତ ମୁକାବିଲା ବୈଠକ ଅନୁଷ୍ଠିତ




କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଓସ୍ୱାନ ଭିଡିଓ କନଫରେସିଂ ଗୃହରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ଅଂଶୁଘାତ ମୁକାବିଲା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଗ୍ରୀଷ୍ମ ଋତୁରେ ପିଇବା ପାଣି ଏବଂ ଅଂଶୁଘାତ ସମସ୍ୟା ଓ ତାର ସଫଳ ମୁକାବିଲା ପାଇଁ ଆବଶ୍ୟକୀୟ ପଦକ୍ଷେପ ବିଷୟରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଥିଲା। ଗ୍ରୀଷ୍ମ ଋତୁରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୁନ୍ୟ କରିବା ଏହି ବୈଠକର ମୂଳ ଲକ୍ଷ୍ୟ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଅଂଶୁଘାତର ଶିକାର ନହେବା ପାଇଁ ସତର୍କତା, ପ୍ରତିକାର ଆଦି ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ପ୍ରାଧାନ୍ୟ ଦେଇଥିଲେ। ଜିଲ୍ଲାର ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲମାନଙ୍କରେ ପର୍ଯ୍ୟାପ୍ତ ପରିମାଣର ଓ.ଆର.ଏସ. ପ୍ୟାକେଟ ମହଜୁଦ ରଖିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦେଶ ଦେଇଥିଲେ। ପାଇପ ଓ ନଳକୂପ ଯୋଗେ ସମସ୍ତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଯେପରି କାର୍ଯ୍ୟକ୍ଷମ ଥାଏ ସେ ନେଇ ନିଶ୍ଚିତ କରାଇବା ସହ ଜଳକ୍ଲିଷ୍ଟ ଅଞ୍ଚଳକୁ ଚିହ୍ନଟ କରାଯାଇ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦେଶ ଦିଆଯାଇଥିଲା। ଏଥି ପାଇଁ ବ୍ଲକ ଓ ଗ୍ରାମପଞ୍ଚାୟତ ସ୍ତରରେ ଜନପ୍ରତିନିଧି, ସଂପୃକ୍ତ କ୍ଷେତ୍ରୀୟ କର୍ମଚାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ନେଇ ସଚେତନତା ମୂଳକ ବୈଠକ ଆୟୋଜନ କରିବାକୁ ସଂପୃକ୍ତ ବ୍ଲକ ଅଧିକାରୀ ଓ ତହସିଲଦାରମାନଙ୍କୁ ନିର୍ଦେଶ ଦିଆଯାଇଥିଲା। ଦିନ ୧୦ଟାରୁ ଅପରାହ୍ନ ୩ଟା ମଧ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଅଂଶୁଘାତର ଆଶଙ୍କା ଥିବାରୁ ରାଜ୍ୟ ସରକାରଙ୍କ ନିର୍ଦେଶ କ୍ରମେ ଏହି ସମୟସୀମା ମଧ୍ୟରେ ଶ୍ରମିକମାନ୍‍କୁ କାର୍ଯ୍ୟରେ ନଲଗାଇବା ସହ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ଛାୟାର ବ୍ୟବସ୍ଥା କରିବାକୁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦେଶ ଦିଆଯାଇଛି। ସଡକ ପରିବହନ ବ୍ୟବସ୍ଥାରେ ବସମାନଙ୍କରେ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଏବଂ ଓ.ଆର.ଏସ. ପ୍ୟାକେଟ ଆଦି ମହଜୁଦ ରଖାଯିବା, ଖୋଲା ଗାଡିରେ ଶ୍ରମିକମାନଙ୍କୁ ପରିବହନ ନକରିବା, ଓଭରଲୋଡିଂ ନକରାଯିବା ଆଦି ଦିଗରେ ତଦାରଖ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦେଶ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ନିର୍ଦେଶ ଅନୁଯାଇ ସ୍କୁଲ, କଲେଜରେ ଶିକ୍ଷାଦାନ ବ୍ୟବସ୍ଥା କରାଇବା ସହ ଛୋଟ ଛୋଟ ପିଲାମାନଙ୍କ ପାଇଁ ପାନୀୟ ଜଳର ସୁବ୍ୟବସ୍ଥା କରିବାକୁ ଶିକ୍ଷା ଅଧିକାରୀଙ୍କୁ ନିର୍ଦେଶ ଦିଆଯାଇଥିଲା। ହାଟ ଜନଗହଳି ସ୍ଥାନ ଓ ଛକ ସ୍ଥାନମାନଙ୍କରେ ବ୍ଲକ ଓ ପୌରସଂସ୍ଥା ଦ୍ୱାରା ପରିଷ୍କାର, ପରିଛନ୍ନ ଓ ସ୍ୱାସ୍ଥ୍ୟକର ପାନୀୟ ଜଳ (ଜଳଛତ୍ର)ବ୍ୟବସ୍ଥା କରିବା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦେଶ ଦିଆଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ସମସ୍ତ ପ୍ରାଥମିକ ଓ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ଚିକିତ୍ସା ପାଇଁ ସ୍ୱତନ୍ତ୍ର କୋଠରୀ, ଶଯ୍ୟା, ଡାକ୍ତର, ନର୍ସ, ନିରବଛିନ୍ନ ବିଦ୍ୟୁତ ସରବରାହ, ପ୍ରଚୁର ପରିମାଣର ଓ.ଆର.ଏସ. ପ୍ୟାକେଟ ମହଜୁଦ ରଖାଯିବା ସହ ୨୪ ଘଣ୍ଟା ନିୟନ୍ତ୍ରଣ କକ୍ଷ ଖୋଲାଯିବା, ଖରାବେଳେ ଗୃହପାଳିତ ପଶୁଙ୍କୁ ବାହାରକୁ ନଛାଡିବା ଓ ସେମାନଙ୍କ ପାଇଁ ଆବଶ୍ୟକ ସ୍ଥାନ ଯଥା ପୋଖରୀ ଏବଂ କେନାଲରେ ଜଳ ଯୋଗାଇବା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଅଂଶୁଘାତ ଜନିତ ମୃତ୍ୟୁ ଖବର ୧୨ଘଣ୍ଟା ମଧ୍ୟରେ ପ୍ରଶାସନକୁ ଜଣାଇବା ସହ ଡାକ୍ତର ଓ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ଯୁଗ୍ମ ତଦନ୍ତ କରାଯାଇ ଶବ ବ୍ୟବଛେଦ ରିପୋର୍ଟ ୩୬ଘଣ୍ଟା ମଧ୍ୟରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଅବଗତ କରାଇବା ପାଇଁ ଉଦ୍ଦିଷ୍ଟ ନିୟମ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଡିଏଫଓ ଯଜ୍ଞଦତ୍ତ ପତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଡିଆରଡିଏ ପ୍ରକଳ୍ପ ନିର୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣୀ ବେହେରା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ସିଡିଏମଓ ଡା. ଅନିତା ପଟ୍ଟନାୟକ, ଜିଲ୍ଲା ପଶୁ ସମ୍ପଦ ଅଧିକାରୀ, ଜିଲ୍ଲା ଜରୁରୀ ଅଧିକାରୀ, ତହସିଲଦାର, ଜିଲ୍ଲା ଶିକ୍ଷା ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଯନ୍ତ୍ରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଜିଲ୍ଲା ସ୍ତରୀୟ ବୈଠକରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇଥିଲେ।

## ସ୍ୱୟଂସିଦ୍ଧା ସମ୍ମାନ ସମାରୋହ

ଭୁବନେଶ୍ୱର, (ପି.ଏନ): ନାରୀ ସଶକ୍ତ ଓ ସୁଦୃଢ ହେଲେ ଏ ଜାତି ଆଗକୁ ବଢିପାରିବ । ତେଣୁ ସବୁ କ୍ଷେତ୍ରରେ ନାରୀମାନଙ୍କୁ ଉପଯୁକ୍ତ ସମ୍ମାନ ଓ ସେମାନଙ୍କ ଅଧିକାରକୁ ସାବ୍ୟସ୍ତର ସୁଯୋଗ ଦେବାପାଇଁ ମତ ପ୍ରକାଶ ପାଇଛି । ଆର୍ନ୍ତଜାତୀୟ ମହିଳା ଦିବସ ଉପଲକ୍ଷେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୱିମେନ ଅର୍ଗାନାଇଜେସନ ଫର ସୋସିଆଲ ୱେଲଫେୟାର (ୱସ୍ୱ) ପ୍ରକ୍ଷରୁ ଆୟୋଜିତ 'ସ୍ୱୟଂ ସିଦ୍ଧା' ସମ୍ମାନ ପ୍ରଦାନ ସମାରୋହରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ଏହି ମତ ପୋଷଣ କରିଛନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ୱସ୍ୱର ସମ୍ପାଦିକା ଜ୍ୟୋସ୍ନା ଦାସ ଅତିଥି ପରିଚୟ ପ୍ରଦାନ ସହିତ ଅନୁଷ୍ଠାନର କାର୍ଯ୍ୟଧାରା ସଂକ୍ରାନ୍ତରେ ସୂଚନା ଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା କଟକ-ଭୁବନେଶ୍ୱର ଟ୍ରାଫିକ ଡିସିପି ଏସ.ସୁଶ୍ରୀ କହିଥିଲେ ମହିଳାମାନେ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ । ସେମାନେ ନିଜକୁ ସଶକ୍ତ କରିବା ସହିତ ସର୍ବଦା ନିଜର ହକ ଦାବି କରିବା ଆବଶ୍ୟକ ।

## ଲିଙ୍ଗଗତ ସମାନତାହିଁ ନିରନ୍ତର ବିକାଶର ମୂଳମନ୍ତ୍ର

ଭୁବନେଶ୍ୱର,(ପି.ଏନ): ଦି ହ୍ୟୁମାନିଟି, ଥାର୍ଡ଼ ଜେଣ୍ଡର ୱେଲଫେୟାର ଟ୍ରଷ୍ଟ, ଏକତା ପରିଷଦ, ତପସ୍ୟା ଏସ୍.ଏଚ୍.ଜି. ମହାସଂଘ ଓ ଅରବିନ୍ଦ ମହିଳା ସମିତିର ମିଳିତ ସହଯୋଗରେ ଆନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ଗୀତଗୋବିନ୍ଦ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲିଙ୍ଗତ ସମାନତା ହିଁ ଆଗାମୀ ଦିନର ନିରନ୍ତର ବିକାଶର ଏକ ସୁଦୀର୍ଘ ମାର୍ଗ। ମହିଳାମାନଙ୍କର ଆର୍ଥିକ ଓ ସାମାଜିକ ସଶକ୍ତିକରଣ ସମାଜରେ ଲିଙ୍ଗଗତ ଭେଦଭାବକୁ ଦୂର କରିପାରିବ। ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ବିକାଶ ପାଇଁ ଆମକୁ ଏକ ତିନି ସୂତ୍ରୀ କାର୍ଯ୍ୟ ଖସଡ଼ା ବାହାର କରିବାକୁ ପଡ଼ିବ। ସମସ୍ତ କ୍ଷେତ୍ରରେ ଆମେ ସମାନୁପାତିକ ବ୍ୟବହାର ଏବଂ ସମ୍ମାନ ପ୍ରଦର୍ଶନ କରିବା ଅତ୍ୟନ୍ତ ଜରୁରୀ। ଏକବିଂଶ ଶତାବ୍ଦୀରେ ଆମ୍ଭେ ସାମାଜିକ ନ୍ୟାୟ ସହିତ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିପାରିଲେ ଅସମାନତା ଦୂର ହୋଇପାରିବ। ମହିଳା ସଶକ୍ତିକରଣ ଦିଗରେ ସରକାର ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସାମାଜିକ ଅନୁଷ୍ଠାନ, ମହିଳା ସଂଗଠନମାନେ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଦିଗରେ ନିରନ୍ତର ପ୍ରୟାସ କରିପାରିଲେ ଏହାର ଉପଯୁକ୍ତ କାର୍ଯ୍ୟକାରିତା ହୋଇପାରିବ। କୁଟୀର ଓ ଅଣୁବ୍ୟବସାୟ ମାଧ୍ୟମରେ ମହିଳାମାନଙ୍କୁ ଯୋଡ଼ିବାପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା। ବ୍ୟାଙ୍କ, ବଜାର ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଏକ ସମନ୍ୱୟ ରକ୍ଷା କରିପାରିଲେ ଓଡ଼ିଶାରେ ଶିଳ୍ପ ଉଦ୍ୟୋଗ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହେବ। ଟ୍ରାନ୍ସଜେଣ୍ଡର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର କୌଶଳ ବିକାଶ ଏବଂ ଆର୍ଥିକ ସହାୟତାକୁ ସୁନିଶ୍ଚିତ କରିପାରିଲେ ଅନେକାଂଶରେ କ୍ଷୁଦ୍ରଶିଳ୍ପ ଓ ଉଦ୍ୟାଗ ପ୍ରତି ଉତ୍ସାହ ବଢ଼ିବ। ନିରନ୍ତର ବିକାଶ ଦିଗରେ ସରକାର, ସାମାଜିକ ଅନୁଷ୍ଠାନମାନେ ସମନ୍ୱିତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ଏହାର କାର୍ଯ୍ୟକାରିତା ପାଇଁ କମ୍ୟୁନିଟି ମନିଟରିଂ ବ୍ୟବସ୍ଥା କରିପାରିଲେ ମହିଳାମାନଙ୍କର ବିକାଶ କ୍ଷେତ୍ରରେ ଏହା ଫଳପ୍ରଦ ହୋଇପାରିବ। ଏହି ଅବସରରେ ବିଶିଷ୍ଟ ଗାନ୍ଧିବାଦୀ ସମାଜସେବୀ ଶ୍ରୀମତୀ ପ୍ରଭାସିନୀ ରାଉତ, ପ୍ରଜ୍ଞାଜ୍ୟୋତି ଦାସ ଓ ମୀରା ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ ସହିତ ତପୋବନ ଲେନ୍ ବସ୍ତି ଓ ଫୁଲେଶ୍ୱରୀ ବସ୍ତିର ମହିଳାମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମହିଳାମାନଙ୍କୁ ପ୍ରମାଣପତ୍ର ଏବଂ ସିଲ୍ କପ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମାଜ କଲ୍ୟାଣ ବୋର୍ଡ଼ର ପୂର୍ବତନ ଅଧକ୍ଷା ନିବେଦିତା ନାୟକ, ଭିନ୍ନକ୍ଷମ ଆୟୋଗର ପୂର୍ବତନ ଅଧକ୍ଷା ସୁଲୋଚନା ଦାସ, ମା ମସଲାର ପରିଚାଳନା ନିର୍ଦ୍ଦେଶିକା ଦୀପ୍ତିମୟୀ ମହାନ୍ତି, ବିଶିଷ୍ଟ ଉଦ୍ୟୋଗୀ ଜୟଶ୍ରୀ ମହାନ୍ତି, ସାମାଜିକ ସଂଗଠନର ନେତ୍ରୀ ଉଷାରାଣୀ ବେହେରା, ସଖାର ପ୍ରତିଷ୍ଠାତା ମୀରା ପରିଡ଼ା, ଦ ହ୍ୟୁମାନିଟିର ସଭାପତି ଶ୍ରୀକାନ୍ତ ସାମନ୍ତରାୟ, ଟି.ଡବ୍ଲ୍ୟୁ.ଟି.ର ଅଧକ୍ଷା ମେଘନା ସାହୁ, ଏମ୍ଏସ୍ଏମ୍ଇ ବିଭାଗର ଡିଆର୍‌ପି ଅମରଜ୍ୟୋତି ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସଚିକାନ୍ତ ପ୍ରଧାନ ସଂଯୋଜନା କରିଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


## କଟକ ଛତ୍ରବଜାର ପୋଲ ଭୁଷୁଡ଼ିବା ଘଟଣାର ତଦନ୍ତ ଓ ଆହତଙ୍କୁ ମାଗଣା ଚିକିତ୍ସା ଦାବି

ଭୁବନେଶ୍ୱର, (ପି.ଏନ): ଆଜି ସନ୍ଧ୍ୟାରେ କଟକର ବ୍ୟବସାୟ ପେଣ୍ଠସ୍ଥଳ ଛତ୍ରବଜାରସ୍ଥିତ ମାଛଗାଁ କେନାଲ୍ ଉପରେ ଥିବା ପୋଲଟି ଭୁଷୁଡ଼ି ପଡ଼ିବା ଫଳରେ ତିନିଜଣ ଗୁରୁତର ଆହତ ହେବା ସଙ୍ଗେସଙ୍ଗେ ଆଉ କିଛି ଲୋକ ପୋଲ ତଳେ ଚାପି ହୋଇଥିବାର ଆଶଙ୍କା କରାଯାଉଛି । ଯଦିଓ ଘଟଣାସ୍ଥଳରେ କଟକ ଜିଲ୍ଲାପାଳ ଓ ଡି.ସି.ପି. ପହଂଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି, କିନ୍ତୁ ଠିକା ସଂସ୍ଥାର ନିମ୍ନମାନର କାମ ଓ ନିରାପ । ଜନିତ ତ୍ରୁଟି ଯୋଗୁଁ ଏହି ପୋଲ ଭୁଷୁଡି ପଡ଼ିଲା ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ରାଜ୍ୟ ସଭାପତି ରବି ବେହେରା ଅଭିଯୋଗ କରିଛନ୍ତି । ହଜାର ହଜାର କୋଟି ଟଙ୍କା ବ୍ୟୟରେ କଟକସ୍ଥିତ ଏସ୍.ସି.ବି. ମେଡିକାଲ୍ କଲେଜକୁ ଏ.ଆଇ.ଆଇ.ଏମ୍.ଏସ୍.+ ମେଡିକାଲ କଲେଜରେ ପରିଣତ କରିବା ଏବଂ ଏହାକୁ ସଂଯୋଗ କରୁଥିବା ମାଛଗାଁ କେନାଲ୍ ରାସ୍ତାକୁ ସଶସ୍ତ ଓ ସୁଦୃଢ଼ୀକରଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ଏହାର ଉପଯୁକ୍ତ ତଦାରଖ ଯୋଗୁଁ କାମ ନିମ୍ନମାନର ହେଉଥିବା ସ୍ପଷ୍ଟ ଅନୁମେୟ ବୋଲି ଏହି ପୋଲ ଭୁଷୁଡି ପଡ଼ିବା ଘଟଣା ପ୍ରମାଣିତ କରୁଛି । ଏହି ରାସ୍ତା କାର୍ଯ୍ୟ ଦାୟିତ୍ୱରେ ଥିବା ଇଂଜିନିୟରମାନଙ୍କ ଦାୟିତ୍ୱହୀନତା ଓ ଠିକାସଂସ୍ଥାର ବେପରୁଆ ଓ ଖାମ୍‌ଖିଆଲି ମନୋଭାବ ଯୋଗୁଁ ଏହି ଘଟଣା ଘଟିଲା ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି । ଏଥିପାଇଁ ଦାୟୀ ଅଧିକାରୀଙ୍କୁ ସସ୍‌ପେଣ୍ଡ କରିବା ଓ ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବାକୁ ସେ ଦାବି କରିବା ସହିତ ଆହତମାନଙ୍କର ମାଗଣା ଚିକିତ୍ସା କରିବା ସହିତ ସେମାନଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି ।

## ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।

## ୧୨ନମ୍ବର ୱାର୍ଡରେ ବିଜେଡି ପ୍ରାର୍ଥୀନୀ ନାହିଦଙ୍କ ପ୍ରଚାର



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ପୌରପାଳିକାର ୧୨ ନମ୍ବର ୱାର୍ଡରେ ବିଜେଡି ପକ୍ଷରୁ ନାହିଦ ଅକ୍ତରଙ୍କୁ କାଉନସିଲର ପ୍ରାର୍ଥୀ କରାଯାଇଛି। ସଂଖ୍ୟାଲଘୁ ଅଧୁସିତ ଅଞ୍ଚଳର ଏହି ୱାର୍ଡଟି ମହିଳାଙ୍କ ପାଇଁ ସଂରକ୍ଷିତ ଅଛି। ବିଜେଡି ଦଳର ଜଣେ ଟାଣୁଆ ଆଗଧାଡିର କର୍ମୀ ଯୁବନେତା ରକିବୁର ରହେମାନଙ୍କ ପତ୍ନୀ ନାହିଦକୁ ବିଜୁ ଜନତା ଦଳ କାଉନସିଲର ଟିକେଟ ଦେଇଛି। ନାହିଦଙ୍କ ସ୍ୱାମୀ ରକିବୁର ବିଜେଡି ଦଳର ଜଣେ ସକ୍ରୀୟ ଯୁବନେତା ଭାବେ ସାଧାରଣରେ ପରିଚିତ। ସେ ଶିକ୍ଷିତ, ଭଦ୍ର ଏବଂ ମେଳାପି ସ୍ୱାଭାବ ଯୋଗୁ ବିଜେଡି ତାଙ୍କ ପ୍ରତି ଆସ୍ଥା ପ୍ରକଟ କରି ତାଙ୍କ ପତ୍ନୀଙ୍କୁ କାଉନସିଲର ପ୍ରାର୍ଥୀ କରିଛି। ଉଚ୍ଚ ଶିକ୍ଷିତା ନାହିଦଙ୍କ ସରଳ ସ୍ୱଭାବକୁ ନେଇ ୧୨ନମ୍ବର ୱାର୍ଡବାସୀ ତାଙ୍କ ଉପରେ ବେଶ ଖୁସିଥିବା ଦେଖିବାକୁ ମିଳିଛି। ଏହି ୱାର୍ଡରେ ଥିବା ଅଧିକାଂଶ ମହିଳା ଗୋଷ୍ଠି ମଧ ନାହିଦକୁ ପସନ୍ଦ କରୁଥିବା ଲକ୍ଷ୍ୟ କରାଯାଇଛି। ନାହିଦ ପ୍ରଚାର କାର୍ଯ୍ୟ ଆରମ୍ଭରୁ ସାହିବସ୍ତିର ମହିଳାମାନଙ୍କୁ ସାଙ୍ଗରେ ଧରି ଘର ଘର ବୁଲି ଭୋଟ ଭିକ୍ଷା କରୁଥିବା ବେଳେ ତାଙ୍କ ସ୍ୱାମୀ ସାହିବସ୍ତିରେ ବୁଲି ଲୋକଙ୍କୁ ଭେଟି ଜନସମର୍ଥନ ମାଗୁଛନ୍ତି। ଏହି ୱାର୍ଡରେ ଜୟୀପୁରା ପାଟ ଜଳ ନିଷ୍କାସନ ସମସ୍ୟା ଓ ଡ୍ରେନେଜ ସମସ୍ୟା ସହ ଜୟୀପୁରା- ଗୋବରୀ ନଦୀବନ୍ଧ ପାଟ ଜମିରେ ଯାତାୟତ ପାଇଁ ରାସ୍ତା ନିର୍ମାଣ ପ୍ରଭୃତି ପ୍ରମୁଖ ସମସ୍ୟାର ସମାଧାନ କରିବେ ବୋଲି ରକିବୁର ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଉଥିବା ଦେଖାଯାଇଛି।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Friday March 11 ଭୁବନେଶ୍ୱର ଶୁକ୍ରବାର, ମାର୍ଚ୍ଚ ୧୧,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ସଫଳ ଦିବ୍ୟାଙ୍ଗ ମହିଳା ବାସନ୍ତି, ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ

ଧର୍ମଶାଳା,(ପିଏନ୍): ନିଜର ଦୃଢ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ବଳରେ ଜଣେ ଦିବ୍ୟାଙ୍ଗ ମହିଳା ଅନ୍ୟମାନଙ୍କ ପାଇଁ ପାଲଟିଛନ୍ତି ଉଦାହରଣ । ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ କରିପାରିଛନ୍ତି । ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ଗ୍ରାମର ଦିବ୍ୟାଙ୍ଗ ମହିଳା ବାସନ୍ତି ରଣା । ପିଲାବେଳୁ ପୋଲିଓରେ ଆକ୍ରାନ୍ତ ହୋଇ ନିଜର ଗୋଡ ଦୁଇଟି ହରାଇଲେ । ନିଜ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ସିଲେଇ ଶିକ୍ଷା ପ୍ରତି ତାଙ୍କର ଅହେତୁକ ଆଗ୍ରହ ଥିଲା । ଦାରିଦ୍ର୍ୟ ଓ ଆର୍ଥିକ ଅନଟନ ଭିତରେ କାଳ କାଟୁଥିବା ନିଜ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ କରିବା ଲାଗି ସେ ଆଗେଇ ଆସିଥିଲେ । ନିଜର ଇଚ୍ଛାଶକ୍ତି ବଳରେ ସିଲେଇ ପ୍ରଶିକ୍ଷଣ ନେଇ ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ କରିବା ତାଙ୍କର ସ୍ୱପ୍ନ ଥିଲା । ଗୋଟିଏ ମେସିନରୁ ସିଲେଇ ଶିକ୍ଷା ଆରମ୍ଭ କରିଥିବା ବାସନ୍ତି ହଜାରରୁ ଉର୍ଦ୍ଧ୍ୱ ଯୁବତୀ ଓ ମହିଳାଙ୍କୁ ସିଲେଇ ଶିକ୍ଷା ପ୍ରଦାନ କରିସାରିଲେଣି । ତାଙ୍କର ଲକ୍ଷ୍ୟ ପ୍ରତ୍ୟେକ ମହିଳା ନିଜ ଗୋଡରେ ଠିଆ ହୋଇପାରିବ ଏବଂ ନିଜର ପରିବାର ପ୍ରତିପୋଷଣ କରିପାରିବ । ଦୃଢ ଇଚ୍ଛାଶକ୍ତି ଓ ଆତ୍ମ ବିଶ୍ୱାସ ରହିଲେ ଜଣେ ମହିଳା ନିଜ ପରିବାରାର ଆର୍ଥିକ ସ୍ଥିତିକୁ ବଦଳାଇ ପାରିବ ବୋଲି ସେ କହନ୍ତି । ବାସନ୍ତୀ ନିଜ ଘରେ ଏବଂ ଜାରକା ବଜାରରେ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଖୋଲିଛନ୍ତି । ୨୦୧୧ମସିହାରୁ ଆରମ୍ଭ କରିଥିବା ଏହି କେନ୍ଦ୍ରରେ ଏବେ ୩୫ରୁ ଉର୍ଦ୍ଧ୍ୱ ଯୁବତୀ କାମ କରି ସେମାନେ ମଧ ବେଶ ଦୁଇ ପଇସା ରୋଜଗାର କରିବାରେ ସକ୍ଷମ ହୋଇ ପାରିଛନ୍ତି । ଏହି କେନ୍ଦ୍ର ମହିଳା ମାନଙ୍କ ଚାହିଦା ଅନୁଯାୟୀ ବିଭିନ୍ନ ଡିଜାଇନର ଡ୍ରେସ ଉପକରଣ ପ୍ରସ୍ତୁତ କରାଯାଇ ବଜାରକୁ ଛଡାଯାଉଛି । ଆଖପାଖ ଅଂଚଳରେ ଘରେ ବସି ରହିଥିବା ଅନେକ ଯୁବତୀ ଏଠାରେ ପ୍ରଶିକ୍ଷଣ ନେବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ପ୍ରଶିକ୍ଷଣ ନେଉଥିବା ଅନେକ ଛାତ୍ରୀ ଓ ଯୁବତୀ ବାସନ୍ତୀଙ୍କ ଭଳି ପ୍ରଶିକ୍ଷକ ପାଇ ବେଶ ଗର୍ବ ଅନୁଭବ କରୁଛନ୍ତି । ସିଲେଇ ଶିକ୍ଷାକୁ ବାଦ୍ ଦେଲେ ବାସନ୍ତି ଘରେ ପୂଜା ପାଠ ହେଉ ଅବା ରୋଷେଇ ହେଉ ସବୁ କାର୍ଯ୍ୟରେ ସେ ବେଶ ତତ୍ପର । ତେବେ ବାସନ୍ତୀଙ୍କ ଇଚ୍ଛାଶକ୍ତି ଆଗରେ ସବୁ କିଛି ହାର ମାନିଛି । ଭବିଷ୍ୟତରେ ସେ ଆହୁରି ମହିଳାମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରିବାକୁ ଲକ୍ଷ୍ୟ ରଖିଛନ୍ତି । ବାସନ୍ତିଙ୍କ ଏହି ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନ ତାଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ସେ ଭାରତର ରାଷ୍ଟ୍ରପତିଙ୍କ ଠାରୁ ମଧ ପୁରସ୍କାର ଲାଭ କରିଛନ୍ତି । ବାସନ୍ତି ଏବେ ସମଗ୍ର ଯାଜପୁର ଜିଲ୍ଲାରେ ମହିଳା ମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ପାଲଟିଯାଇଛନ୍ତି ।

## ପ୍ରାକ୍ତନ ଓଡିଆ ନୌସୈନିକଙ୍କ ବନ୍ଧୁମିଳନ

ପାରାଦୀପ,(ପି.ଏନ): ନୌସୈନିକ ପ୍ରଶିକ୍ଷଣ ସଂସ୍ଥାନ ଆଇଏନଏସ୍ ଚିଲିକାରେ ପ୍ରଶିକ୍ଷିତ ୨/୮୨ ବ୍ୟାଚର ଓଡିଆ ନୌସୈନିକ ମାନଙ୍କର ଏକ ବନ୍ଧୁମିଳନ ଗତକାଲି ସନ୍ଧ୍ୟାରେ କ୍ୟାପଟେନ୍ ରବିନ୍ଦ୍ର କୁମାର ପଟ୍ଟନାୟକଙ୍କ ପୋଖରୀପୁଟ ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭେଟେରାନ୍ ଗୋଲକ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ସମସ୍ତଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧିତ କରିଥିଲେ । ଭେଟେରାନ ଗୋପୀନାଥ ମିଶ୍ର ସର୍ଭିସ ସମୟର ଅନୁଭୁତି ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ନୌସେନା କାର୍ଯ୍ୟକାଳରେ ଅର୍ଜ୍ଜନ କରିଥିବା ଅଭିଜ୍ଞତା ଏବଂ କର୍ମ କୁଶଳତା କିପରି ଓଡିଶା ନିର୍ମାଣରେ ସହାୟକ ହୋଇ ପାରିବ ସେ ବିଷୟରେ ଆଲୋକପାତ କରାଯାଇଥିଲା । ଭେଟେରାନ୍ ବିପିନ ବିହାରୀ ସାହୁ ଓଡିଶାରେ ବାରମ୍ବାର ହେଉଥିବା ବନ୍ୟା ବାତ୍ୟା ଓ ଅନ୍ୟାନ୍ୟ ବିପ୍ରାତ ସମୟରେ ରାଜ୍ୟ ସରକାରଙ୍କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ ସମସ୍ତେ ନିଜକୁ ପ୍ରସ୍ତୁତ ରଖିବା ଆବଶ୍ୟକ ବୋଲି କହିଥିଲେ ।

## ମା ଦୂର୍ଗାଙ୍କ ବିଗ୍ରହ ପ୍ରତିଷ୍ଠାର ବାର୍ଷିକୋତ୍ସବ ପାଳିତ




ପାରାଦୀପ.(ପି.ଏନ): ପାରାଦୀପ ବଡପଡିଆସ୍ଥିତ ପାରାଦୀପ ପୋର୍ଟ ବଣିକ ସଂଘ ପରିସରରେ ମା ଦୂର୍ଗାଙ୍କ ବିଗ୍ରହ ପ୍ରତିଷ୍ଠାର ବାର୍ଷିକୋତ୍ସବ ଗୁରୁବାର ଦିନ ଯଥା ରିତୀ ଓ ନିତୀ ସହିତ ପାଳିତ ହୋଇଯାଇଛି । ବଣିକ ସଂଘର ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି ଅବସରରେ ବନ୍ଦର ଅଧକ୍ଷ ପି.ଏଲ. ହରନାଦ, ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ସକାଳେ ମା ଙ୍କ ପାଖରେ ବୈଦିକ ମନ୍ତ୍ର ଓ ଷୋଡଶପଚାର ପୂଜା କରାଯାଇଥିଲା । ବଣିକ ସଂଘର ବରିଷ୍ଠ ସଦସ୍ୟ କ୍ଷିରୋଦ କୁମାର ସ୍ୱାଇଁ, ଅନାଦି ଚରଣ ପରିଡା, ଶରତ ସାହୁ, ପ୍ରମୋଦ କୁମାର ମହାପାତ୍ର, ବିଭୂତି ଭୂଷଣ ସାହୁ, ଜୀବନ ମହାନ୍ତି, ଚନ୍ଦ୍ରଶେଖର ମହାପାତ୍ର, ଅୟସକାନ୍ତ ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବଣିକ ସଂଘର ସଦସ୍ୟ ଓ ସର୍ବସାଧାରଣଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପାରାଦୀପ ଅଂଚଳର ବହୁ ଭକ୍ତ ଓ ଜନସାଧାରଣ ମା ଙ୍କ ଏହି ବାର୍ଷିକୋତ୍ସବରେ ଯୋଗ ଦେଇଥିଲେ ।

## ପାରାଦୀପ ବନ୍ଦର ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ଉଦ୍ଯାପିତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୫୧ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଗୁରୁବାର ଦିନ ଉଦ୍ଯାପିତ ହୋଇଯାଇଛି । ଏହି ଅବସରରେ ବନ୍ଦର ୪ନମ୍ବର ଗେଟ୍ ନିକଟରେ ଉଦଯାପାନୀ ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ୍.ହରନାଦ । ଏହି କାର୍ଯ୍ୟକ୍ରମରେ ପୋତାଶ୍ରୟ ସୁରକ୍ଷା ସହକାରୀ ନିର୍ଦ୍ଦେଶକ ସୋମଲେଖ ବଜରମଲ୍ଲ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ବନ୍ଦରର ସୁରକ୍ଷା ଅଧିକାରୀ ପି.କେ.କର ବିବରଣୀ ପ୍ରଦାନ କରିଥିଲେ । ଆମେ ସୁରକ୍ଷା ସପ୍ତାହ ପାଳନର ଉଦ୍ଯାପନୀ ସମାରୋହ ପାଳନ କରୁଛେ ଏହାର ଅର୍ଥ ନୁହେଁ ଏହା ସମାପ୍ତ ହୋଇଗଲା । ଏହାକୁ ଆମକୁ ବର୍ଷ ତମାମ ମନେ ରଖିବାକୁ ପଡିବ ବୋଲି କହିଥିଲେ ବନ୍ଦରର ଅଧକ୍ଷ ଶ୍ରୀ ହରନାଦ । ଆମର ଗୋଟିଏ ଅସାବଧାନତା ଆମକୁ ଦୂର୍ଘଟଣାର ସମ୍ମୁଖୀନ କରାଇପାରେ । ସୁରକ୍ଷା ଓ ଉତ୍ପାଦନ ଏକ ସମୟରେ ଚାଲିବ କିନ୍ତୁ ଆମକୁ ସବୁ ବେଳେ ସୁରକ୍ଷା କଥା ମନରେ ରଖି କାର୍ଯ୍ୟ କରିବାକୁ ପଡିବ । ବନ୍ଦରର କର୍ମଚାରୀମାନଙ୍କୁ ସୁରକ୍ଷା ସମ୍ପର୍କରେ ତାଲିମ ଦେବାକୁ ଗୁରୁତ୍ୱ ଦେଇଥିଲେ । ଆଗାମୀ ୫ବର୍ଷ ମଧରେ ପାରାଦୀପ ବନ୍ଦରର କାର୍ଯ୍ୟ ଯାନ୍ତ୍ରିକୀକରଣ ହେବାକୁ ଯାଉଛି । ସେହି ହିସାବରେ ଆତ୍ମରକ୍ଷାର କୌଶଳ ସମୟେ ସମୟେ କରିବା ଉପରେ ଶ୍ରୀ ହରନାଦ ଗୁରୁତ୍ୱ ଦେଇଥିଲେ । ଶେଷରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଅଧକ୍ଷ ଶ୍ରୀ ହରନାଦ ପୁରସ୍କୃତ କରିଥିଲେ । ବନ୍ଦରର ସି.ଏମ୍.ଇ. ଏସ.କେ.ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବନ୍ଦରର ସୁରକ୍ଷା ଅଧିକାରୀ ପି.କେ.କର ଧନ୍ୟବାଦ ଅର୍ପଣ କରିଥିଲେ ।

## ନବନିର୍ବାଚିତ ସରପଂଚଙ୍କ ଦାୟିତ୍ୱ ଗ୍ରହଣ

ଧର୍ମଶାଳା,(ପିଏନ୍): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଫଳାଫଳ ଘୋଷଣା ପରେ ଆଜି ନବନିର୍ବାଚିତ ସରପଂଚ ମାନେ ବିଧିବଦ୍ଧ ଭାବେ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି । ଏହିକ୍ରମରେ ଧର୍ମଶାଳା ବ୍ଲକର ୪୫ଗୋଟି ପଂଚାୟତରେ ନବନିର୍ବାଚିତ ସରପଂଚ ମାନେ ପଂଚାୟତ କାର୍ଯ୍ୟାଳୟରେ ଆଜି ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି । ଏହି ବ୍ଲକର ଚୋରମୁହାଁ ପଂଚାୟତର ସରପଂଚ ପ୍ରଦ୍ୟୁମ୍ନ ମହାନ୍ତି ଆଜି ଦାୟିତ୍ୱ ଭାର ଗ୍ରହଣ କରିଥିବା ବେଳେ ଭିଏଲଡବ୍ଲ୍ୟୁ ମହେଶ୍ୱର ପାତ୍ର ତାଙ୍କୁ ଶପଥ ପାଠ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ବିପିନ ବିହାରୀ ନାୟକ, ସଂଜିବ କୁମାର ପଣ୍ଡା, ସେକ ସନାଉଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଚହଟା ପଂଚାୟତରେ ସରପଂଚ ସୁମିତ୍ରା ସ୍ୱାଇଁ, ଜାରକା ପଂଚାୟତ ସରପଂଚ ସୁଦାମ ଚରଣ ବେହେରା, କୁମାରୀ ପଂଚାୟତର ସରପଂଚ କ୍ଷୀରୋଦପ୍ରଭା ସାମଲ, ଗଙ୍ଗାଧରପୁର ପଂଚାୟତ ସରପଂଚ ତ୍ରିଲୋଚନ ଜେନା, ଥାନୁଆଳ ପଂଚାୟତ ସରପଂଚ ନର୍ମଦା ସ୍ୱାଇଁ, ବଡକାଏମା ପଂଚାୟତର ସରପଂଚ କୁମୁଦୁନି ମହାନ୍ତି, ଆରୁହା ପଂଚାୟତ ସରପଂଚ ବନପ୍ରଭା ବଳ, ଭବାନୀପୁର ପଂଚାୟତ ସରପଂଚ ଜ୍ୟୋତିର୍ମୟୀ ନାୟକ, ଅଭୟପୁର ପଂଚାୟତ ସରପଂଚ ସ୍ନେହାଂଜଳି ଗନ୍ତାୟତ, ଉତରପ୍ରତାପ ପଂଚାୟତ ସରପଂଚ ନିମାଇଁ ମଲିକ, ଦେଓଦା ପଂଚାୟତ ସରପଂଚ ଆତୁଳ ମଲିକ, ମଙ୍ଗଳପୁର ପଂଚାୟତ ସରପଂଚ ପ୍ରମୋଦ ଜେନା, କୋତପୁର ପଂଚାୟତ ସରପଂଚ ସୁନାକାର ବେହେରା, ମିର୍ଜାପୁର ପଂଚାୟତ ସରପଂଚ ପ୍ରଶାନ୍ତ କୁମାର ଦାସ, ପାଟପୁର ପଂଚାୟତ ସରପଂଚ ସଂଧ୍ୟାରାଣୀ ନାୟକ, ଅରେଇକଣା ପଂଚାୟତ ସରପଂଚ ସଂଜୟ କୁମାର ରାୟ ପ୍ରମୁଖ ନିଜ ନିଜ ପଂଚାୟତ କାର୍ଯ୍ୟାଳୟରେ ଦାୟିତ୍ୱଭାର ଗ୍ରହଣ କରିବା ସହ ଶପଥ ପାଠ କରିଥିବା ଜଣାଯାଇଛି ।

## ପିଲାଙ୍କ ଭବିଷ୍ୟତ ଖେଳଘର ନୁହେଁ:ବିନା ଏନ ଓ ସି ରେ ଚାଲିଛି ବିଦ୍ୟାଳୟ




ଫୁଲବାଣୀ,(ପି.ଏନ): ଗୁରୁବାର ଦିନ ୫୦ରୁ ଉର୍ଦ୍ଧ୍ୱ ଅଭିଭାବକ ଅଭିଭାବିକା କନ୍ଧମାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ଯାହା ଲିଖିତ ରହିଛି ଯେ,ସେମାନଙ୍କ ପୁଅ, ଝିଅ ମାନେ ପ୍ରଥମ ଶ୍ରେଣୀ ରୁ ଫୁଲବାଣୀ ସହର ସ୍ଥିତ ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରି ଆସୁଛନ୍ତି । ଆଜି ତା ୧୦,୦୩,୨୦୨୨ ରିଖ ଦିନ ଦିବା ୧୦ ଘଣ୍ଟିକା ସମୟରେ ସ୍କୁଲ ତରଫରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ର ଛାତ୍ରୀଙ୍କ ସମସ୍ତ ଅଭିଭାବକଙ୍କୁ ଡାକି ଏକ ଅଧିବେଶନ କରି ସମସ୍ତ ଅଭିଭାବକ ମାନଙ୍କୁ କୁହାଗଲା ଯେ, ଏହି ବର୍ଷ ଠାରୁ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ଏହି ସ୍କୁଲରେ ପଢି ପାରିବେ ନାହିଁ । ଏଣୁ ଆପଣ ମାନେ ଆପଣ ମାନଙ୍କ ଛୁଆଙ୍କୁ ସାର୍ଟିଫିକେଟ ନେଇ ଅନ୍ୟ ସ୍କୁଲରେ ଜଏନ୍ କରନ୍ତୁ । ଆମ୍ଭ ? ଏହାର କାରଣ ପଚାରିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ପରିଚାଳନା କମିଟି ଅଭିଭାବକ ମାନଙ୍କୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରି ଏହି ବିଷୟରେ ଜଣେଇବା ପାଇଁ କହିଲେ । ଏହା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଅଭିଭାବକ ମାନଙ୍କୁ କହିଲେ ଯେ, ବାରମ୍ବାର ସ୍କୁଲ କର୍ତ୍ତୃପକ୍ଷପଙ୍କୁ କହିବା ପରେ ମଧ ସ୍କୁଲ କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ଏନ ଓ ସି ପାଇଁ ଆବେଦନ କରି ନାହାନ୍ତି । ଏଣୁ ଉକ୍ତ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ଯାଇ ପାରିବ ନାହିଁ । ଏହା ପରେ ସମସ୍ତ ଅଭିଭାବକ ପୁଣି ଯାଇ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସ୍କୁଲ ପରିଚାଳନା କମିଟିକୁ ଏହି ବିଷୟରେ କହିବାରୁ ସେମାନେ କହିଲେ ଆମେ ଏନ ଓ ସି ନିମନ୍ତେ ଆବେଦନ କରିଥିଲୁ କିନ୍ତୁ ସେମାନେ ଆମକୁ ଏନ ଓ ସି ଦେଇ ନାହାନ୍ତି ।ଏନେଇ ଏକ ଲିଖିତ ଅଭିଯୋଗ ପତ୍ର କନ୍ଧମାଳ ଜିଲ୍ଲାପାଳଙ୍କ ନିକଟରେ ଜଣାଇଛନ୍ତି ଛାତ୍ରୀ ଛାତ୍ରୀ ଏବଂ ସମସ୍ତ ଅଭିଭାବକ ବୃନ୍ଦ । ଜିଲ୍ଲାପାଳ ମହୋଦୟାଙ୍କୁ ଅନୁରୋଧ କରିଛନ୍ତି ଯେ ,ପିଲାମାନଙ୍କ ଭବିଷ୍ୟତକୁ ନେଇ ହେବାକୁ ଥିବା ଅସୁବିଧାକୁ ଗୁରୁତ୍ୱର ସହକାରେ ନେଇ ସ୍କୁଲ କର୍ତ୍ତୃପକ୍ଷ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରି ପିଲାମାନଙ୍କୁ ଉକ୍ତ ସ୍କୁଲରେ ପଢିବା ପାଇଁ ସୁଯୋଗ ଦିଆଯାଉ । ଜିଲ୍ଲାପାଳ ମହୋଦୟା ଅଭିଭାବକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମିତ୍ତ ।ଅନ୍ୟପକ୍ଷେ ଏନ ଓ ସି ନଥାଇ ଆଜକୁ ୩୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ହେଲା ବିଦ୍ୟାଳୟ କିପରି ଚାଲିଛି ବୋଲି ଅଭିଭାବକମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଦ୍ୟାଳୟର ଭିତ୍ତିଭୂମିକୁ ନେଇ ବର୍ତ୍ତମାନ ସର୍ବସାଧାରଣରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି ।

## ସେବା ସଂଗଠନର ମହିଳା ଦିବସ ପାଳନ

ବାଲେଶ୍ୱର ,(ପି.ଏନ): ସେବା ସଂଗଠନ ଓଡ଼ିଶା ତରଫରୁ ମୟୁରଗ୍ରାମ ଠାରେ ଆନ୍ତର୍ଜାତିୟ ମହିଳା ଦିବସ ପାଳନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ "ଅଙ୍କିତା ସୋ ଫାଉଣ୍ଡେସନ" ର ଚେୟାରମ୍ୟାନ ଅଙ୍କିତା ସୋ, ୩୬ ନମ୍ବର ଜୋନ ର ଜିଲ୍ଲାପରିଷଦ ଅଭିମନ୍ୟୁ ଧିନ୍ଦା, ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଛବିରାଣୀ ସାହୁ, ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦ ର ସମ୍ପାଦକ ହରେକୃଷ୍ଣ ପଣ୍ଡା, ଶ୍ରୀଧର ସ୍ୱାମୀ, ନୋଡାଲ ଉପ ବିଦ୍ୟାଳୟ ର ପୂର୍ବତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ପାଣିଗ୍ରାହୀ, ଆନ୍ତର୍ଜାତୀୟ ମହିଳା କ୍ରିକେଟ ଜୁନିଅର ଖେଳାଳି ପଦ୍ମାବତୀ ସିଂ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ର ଅଭିଭାଷଣ ଦେଇଥିଲେ, ଏହି କାର୍ଯ୍ୟକ୍ରମ ଟି ସେବା ସଂଗଠନ ଓଡ଼ିଶାର କମଳଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିଲା । ବଡପାଳ ପଞ୍ଚାୟତ ର ସମସ୍ତ ମହିଳା ମାନଙ୍କୁ ନେଇ ଶଙ୍ଖ ଧ୍ୱନୀ, ନାରୀ ସଶକ୍ତିକରଣ ଉପରେ ତର୍କ ଏବଂ ମ୍ୟୁଜିକ୍ ଚେଆର ପ୍ରତିଯୋଗିତା କରାଯାଇ, କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ଅଶୋକ କୁମାର ଦାସ, କୀର୍ତ୍ତି କୁମାର ବିନ୍ଧାଣୀ, ମନୋଜ କୁମାର ରାଉତ, ସତ୍ୟ ନାରାୟଣ ପତି, ଉମାକାନ୍ତ ମାଝୀ, କମଳା କାନ୍ତ ବେହେରା, ଅଶ୍ୱିନୀ କୁମାର ଦାଶ, ପ୍ରମୋଦ କୁମାର ମାଝୀ, ଅଜୟ କୁମାର ସାହୁ, କଲ୍ୟାଣୀ ପତି, ଅହଲ୍ୟା ବାରିକ, ସଙ୍ଗଠନର ସଭାପତି ସରୋଜ କୁମାର ସାହୁ ଏବଂ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ । ଆଗାମୀଦିନରେ ମହିଳାମାନେ କିପରି ସଶକ୍ତିକରଣ ଏବଂ ସ୍ୱାଭଲମ୍ବୀ ହୋଇପାରିବେ ଅତିଥି ମାନେ ମାନେ ନିଜ ଅଭିଭାଷଣ ରେ କହିଥିଲେ । ସଙ୍ଗଠନ ର ଏଭଳି କାର୍ଯ୍ୟକୁ ସାଧାରଣ ରେ ପ୍ରଶଂସା କରାଯାଇଛି ।

## ହିମା ହସପିଟାଲରେ ପ୍ରସୂତି ମୃତ୍ୟୁ ଘଟଣା,ତଦନ୍ତ ନିର୍ଦ୍ଦେଶ

କେନ୍ଦୁଝର,(ପି.ଏନ) : କେନ୍ଦୁଝର ସହରସ୍ଥ ସ୍ଥାନୀୟ ହିମା ହସପିଟାଲରେ ଜଣେ ପ୍ରସୂତି ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟଣାରେ ସିଡିଏମଓ ଡାକ୍ତର ସୁଜାତାରାଣୀ ମିଶ୍ର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ମୃତା ମହିଳାଙ୍କ ଭାଇ ଚିନ୍ମୟ ରାଉତ ଙ୍କ ଅଭିଯୋଗ କ୍ରମେ ଏହି ତଦନ୍ତ ଆଦେଶ କରିବା ସହ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର,ନର୍ସ ତଥା ଅନ୍ୟ କର୍ମଚାରୀଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସିଡିଏମଓଙ୍କ ଚିଠି ସଂଖ୍ୟା ୬୬୦/୦୮/୦୩/୨୦୨୨ ଏହି ତଦନ୍ତ ଆଦେଶ ହୋଇଛି । ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ସିଡିଏମଓ ନିର୍ଦ୍ଦେଶ ଦେଇଛନ୍ତି । ଏଡିପିଏଚ୍ଓ (ଭିବିଡି) ଡଃ ଦେବେନ ଦାସ ଏବଂ ଏଡିଏମଓ ଡଃ ଜିସି ରାଉତ ଏହାର ତଦନ୍ତ କରୁଛନ୍ତି । ଅଭିଯୋଗ ଅନୁଯାୟୀ ଅନୁପମା ଙ୍କୁ ଗତ କାଲି ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରସବ ବେଦନା ହେବା ପରେ ଭର୍ତି କରାଯାଇଥିଲା । ତେବେ ୬ ତାରିଖ ରାତିରେ ପ୍ରସୂତି ଅନୁପମା ରାଉତ ଙ୍କ ପ୍ରସବ ବେଦନା ନ କମିବାରୁ ତାଙ୍କୁ ନର୍ସିଂହୋମ କୁ ଚିକିତ୍ସା ପାଇଁ ଅଣାଯାଇଥିଲା । ସେଠାରେ ରାତିରେ ଅପରେସନ କରାଯାଇଥିଲା । ହଠାତ ୭ ତାରିଖ ଦିନ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନସରେ କଟକ ସ୍ଥାନାନ୍ତରଣ ବେଳେ ବାଟରେ ମୃତ୍ୟୁ ହୋଇଥିଲା । ଏହାକୁ ନେଇ ମୃତା ଙ୍କ ପରିବାର ଲୋକ ପ୍ରତିବାଦ କରି ଚିକିତ୍ସା ଅବହେଳା ଅଭିଯୋଗ ଆଣି ମୃତ ଦେହ ନର୍ସିଂ ହୋମ ସମ୍ମୁଖରେ ରଖି ପ୍ରତିବାଦ କରିଥିଲେ । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ପରେ ଏନେଇ ନର୍ସିଂହୋମ ପକ୍ଷରୁ ଆର୍ଥିକ ସହାୟତା ଦିଆଯିବା ପରେ ବିବାଦ ସମାଧାନ ହୋଇଥିଲା ଏବଂ ମୃତଦେହ ନେଇ ପରିବାର ଲୋକ ଶବ ବ୍ୟବଚ୍ଛେଦ କରିବାକୁ ରାଜି ହୋଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ପ୍ରସୂତି ମହିଳାଙ୍କୁ କିପରି ନର୍ସିଂ ହୋମ କୁ ନିଆଗଲା ଏବଂ ପରେ ଗୁରୁତର ଅବସ୍ଥାରେ ପ୍ରାଇଭେଟ ମେଡିକାଲରୁ ୧୦୮ ଆମ୍ବୁଲାନ୍ସ କିପରି ରୋଗୀ ସେବା ପାଇଁ ବ୍ୟବହାର ହେଲା ତାହା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହୋଇଛି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray